# ଛୋଟ ସହର ଦଖଲ କରୁଛି ରୁଷିଆ



ସର୍ବିଆର ବେଲ୍‌ଗ୍ରେଡ୍‌ଠାରେ ଜଣେ ମହିଳା ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିରୋଧରେ ବିକ୍ଷୋଭ କରୁଛନ୍ତି।

କିଭ୍, ୨୮।୫

ପୂର୍ବ ୟୁକ୍ରେନ୍‌ରେ ଆକ୍ରମଣ ତୀବ୍ର କରିଥିବା ରୁଷିଆ ଏବେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା ଛୋଟ ଛୋଟ ସହର ଦଖଲ ଉଦ୍ୟମ ଜାରି ରଖିଛି। ଶନିବାର ରୁଷିଆ ଲିମ୍ୟାନ ସହରକୁ କବ୍‌ଜା କରିଥିବା ଦାବି କରିଛି। ଡୋନ୍‌ବାସ ଅଞ୍ଚଳରେ ଡୋନେସ୍କ ପିପୁଲ୍ସ ରିପବ୍ଲିକ୍ ବିଦ୍ରୋହୀ ଏବଂ ରୁଷୀୟ ସୈନ୍ୟ ମିଳିତ ଭାବେ କ୍ରାସନି ଲିମ୍ୟାନ୍‌କୁ ନିୟନ୍ତ୍ରଣକୁ ନେଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଆଇଗୋର କୋନାଶେନ୍‌କୋଭ୍ କହିଛନ୍ତି। ଏଥିସହ ପୂର୍ବ ୟୁକ୍ରେନ୍‌ର ଏକ ପ୍ରମୁଖ ରେଲୱେ ଜଙ୍କସନ୍ ମଧ୍ୟ ରୁଷିଆ ସୈନ୍ୟଙ୍କ ନିୟନ୍ତ୍ରଣକୁ ଯାଇଛି। ଡୋନ୍‌ବାସରେ ରୁଷୀୟ ସୈନ୍ୟଙ୍କୁ ୟୁକ୍ରେନ୍ ସୁରକ୍ଷାବାହିନୀ ପ୍ରତିରୋଧ ଜାରି ରଖିଥିବାରୁ ଏବେ ମସ୍କୋ ଛୋଟ ଛୋଟ ସହରକୁ କବ୍‌ଜା କରି ସେଠାରୁ ଅନ୍ୟ ଅଞ୍ଚଳରେ ସହଜରେ ଆକ୍ରମଣ କରିବାର ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଛି।

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ଲିମ୍ୟାନ୍‌ରେ ପ୍ରାୟ ୨୦ ହଜାର ଲୋକ ବାସ କରୁଥିଲେ। ଲିମ୍ୟାନରେ ଥିବା ଆଞ୍ଚଳିକ ରେଳ ହବ୍ ଯୋଗେ ୟୁକ୍ରେନ୍‌ର ମୁଖ୍ୟ ଭାଗରୁ ବିଚ୍ଛିନ୍ନତାବାଦୀ ଅଞ୍ଚଳ ଡୋନ୍‌ବାସ୍‌କୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏଥିସହ ରୁଷିଆ ଆକ୍ରମଣବେଳେ ଏହି ରେଳଷ୍ଟେଶନ ଦେଇ ବହୁ ସଂଖ୍ୟାରେ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଲିମ୍ୟାନ୍ ଦଖଲ ଦ୍ୱାରା ରୁଷିଆକୁ ଏହାର ଫାଇଦା ମିଳିବ। ବିଚ୍ଛିନ୍ନତାବାଦୀଙ୍କ ଅକ୍ତିଆରରେ ଥିବା ଡୋନେସ୍କ ଓ ଲୁହାନ୍‌ସ୍କ ସହ ୟୁକ୍ରେନ୍ ସରକାରଙ୍କ ନିୟନ୍ତ୍ରଣରେ ରହିଥିବା ଡୋନ୍‌ବାସର ଅନ୍ୟ ବଡ଼ ସହରକୁ ମଧ୍ୟ ଦଖଲ କରିବ ପାଇଁ ଲିମ୍ୟାନ୍ ଭଳି ଅଞ୍ଚଳ ରୁଷିଆ ପାଇଁ ସହାୟକ ହେବ। ରାଜଧାନୀ କିଭ୍‌କୁ ଦଖଲରେ ବିଫଳ ହେବା ପରେ ମସ୍କୋ ଏବେ ପୂର୍ବ ୟୁକ୍ରେନ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ୟୁକ୍ରେନ୍ ସରକାରଙ୍କ ନିୟନ୍ତ୍ରଣରେ ଥିବା ଲୁହାନ୍‌ସ୍କର ପ୍ରମୁଖ ଟ୍ୱିନ ସିଟି ସିଭିଏରୋଡୋନେସ୍କ ଓ ଲିସିଚାନ୍‌ସ୍କକୁ ଦଖଲ ପାଇଁ ରୁଷିଆ ଶନିବାର ଜୋର୍‌ଦାର ଆକ୍ରମଣ କରିଛି। ଡୋନ୍‌ବାସରେ ସ୍ଥିତି ଗମ୍ଭୀର ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ତେବେ ସବୁପ୍ରକାର ପରିସ୍ଥିତିରେ ଡୋନ୍‌ବାସ ୟୁକ୍ରେନ୍‌ର ହୋଇ ରହିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ମଙ୍ଗଳବାର ରୁଷୀୟ ସୈନ୍ୟ ସିଭିଏରୋଡୋନେସ୍କର ଦକ୍ଷିଣରେ ଥିବା ଏକ ଛୋଟ ମ୍ୟୁନିସିପାଲିଟି ଭିତ୍‌ଲୋଡାର୍ସ୍କକୁ ଅକ୍ତିଆର କରିଛି। ରୁଷିଆ ଆକ୍ରମଣ ସହ ଚିକିତ୍ସା ସୁବିଧା ନ ପାଇ ସେଠାରେ ପ୍ରାୟ ୧୫ ଶହ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସିଭିଏରୋଡୋନେସ୍କର ମେୟର ଆଲେକଜାଣ୍ଡର ଷ୍ଟ୍ରିଉକ୍ କହିଛନ୍ତି।

### ଲିମ୍ୟାନ୍ ପରେ ସିଭିଏରୋଡୋନେସ୍କ, ଲିସିଚାନ୍‌ସ୍କ ହାତେଇବାକୁ ଉଦ୍ୟମ

## ପୂର୍ବତନ ରାଷ୍ଟ୍ରପତିଙ୍କୁ ୟୁକ୍ରେନ୍ ଛାଡ଼ିବା ଉପରେ ରୋକ


ପେଟ୍ରୋ ପୋରୋଶେନ୍‌କୋ

ୟୁକ୍ରେନ୍‌ର ପୂର୍ବତନ ରାଷ୍ଟ୍ରପତି ପେଟ୍ରୋ ପୋରୋଶେନ୍‌କୋଙ୍କୁ ଦେଶ ଛାଡ଼ିବା ଉପରେ ରୋକ ଲଗାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏପରି କରି ୟୁକ୍ରେନ୍ ସରକାର ତଥାକଥିତ ରାଜନୈତିକ ଯୁଦ୍ଧବିରତି ଉଲ୍ଲଂଘନ କରିଥିବା ସେ କହିଛନ୍ତି। ଏହି ପୂର୍ବ ୟୁରୋପୀୟ ଦେଶ ଉପରେ ରୁଷିଆ ଆକ୍ରମଣ କରିବା ପରେ ୟୁକ୍ରେନ୍ ପାର୍ଲାମେଣ୍ଟ କେତେକ ରୁଷିଆ ସମର୍ଥିତ ପାର୍ଟି ଏବଂ ରାଜନେତାଙ୍କୁ ପଲିଟିକାଲ ସିଜ୍‌ଫାୟାର ଅଧୀନରେ (ଘରୋଇ ମତଭେଦ ଭୁଲି ଦେଶପାଇଁ ଏକଜୁଟ୍ ହେବା ପାଇଁ ଏକ ବୁଝାମଣା) ବ୍ୟାନ୍ କରିଥିଲା। ଏବେ ୟୁକ୍ରେନ୍ ସରକାର ତାଙ୍କୁ ସୀମା ବାହାରକୁ ଯିବା ଉପରେ କଟକଣା ଲଗାଇ ଏହି ବୁଝାମଣା ଉଲ୍ଲଂଘନ କରିଥିବା ପୋରୋଶେନ୍‌କୋ କହିଛନ୍ତି।

## ୟୁକ୍ରେନ୍‌ରୁ ଶସ୍ୟ ପରିବହନ ଉପରେ ଆଲୋଚନା ପାଇଁ ରୁଷିଆ ରାଜି


ଓଲାଫ୍ ସ୍କୋଲ୍‌ଜ | ଭ୍ଲାଡିମିର ପୁଟିନ୍ | ଇମାନୁଏଲ ମାକ୍ରଁ

### ପୁଟିନ୍‌ଙ୍କ ସହ କଥା ହେଲେ ସ୍କୋଲ୍‌ଜ, ମାକ୍ରଁ

**ମସ୍କୋ, ୨୮।୫:** ୟୁକ୍ରେନ୍ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଖାଦ୍ୟସଙ୍କଟ ଦେଖାଦେଇଛି। କୃଷ୍ଣ ସାଗର ଓ ଆଜୋଭ ସାଗରକୁ ରୁଷିଆ ବ୍ଲକ୍ କରିଥିବାରୁ ୟୁକ୍ରେନ୍‌ରୁ ଖାଦ୍ୟଶସ୍ୟ ପରିବହନ ବାଧାପ୍ରାପ୍ତ ହୋଇଛି। ଏ ନେଇ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍‌ରୁ ଖାଦ୍ୟଶସ୍ୟ ପରିବହନ ଉପରେ ଆଲୋଚନା ପାଇଁ ପୁଟିନ୍ ରାଜି ଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ଏଥିସହ ରୁଷିଆରୁ ସାର ଏବଂ କୃଷିଜାତ ସାମଗ୍ରୀ ରପ୍ତାନି ମଧ୍ୟ ବିଶ୍ୱ ଖାଦ୍ୟସଙ୍କଟକୁ ଦୂର କରିବାରେ ସହାୟକ ହେବ ବୋଲି ମସ୍କୋ କହିଛି। ତେବେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣକୁ ନେଇ ରୁଷିଆ ଏହି ଦୁଇ ୟୁରୋପୀୟ ଦେଶକୁ ଚେତାବନୀ ଦେଇଛି। ଏହା ଆଗକୁ ଆହୁରି ଅସ୍ଥିରତାକୁ ଡାକିଆଣିପାରେ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ରୁଷିଆ ବନ୍ଦୀ ରଖିଥିବା ଆଜଭଷ୍ଟିଲ୍‌ର ପ୍ରାୟ ୨,୫୦୦ ସୈନ୍ୟଙ୍କୁ ମୁକୁଳାଇବା ପାଇଁ ସ୍କୋଲଜ୍ ଏବଂ ମାକ୍ରଁ ପୁଟିନଙ୍କୁ ନିବେଦନ କରିବା ସହ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି।

## ମାରିଉପୋଲରୁ ମେଟାଲ ଲୁଟ୍



ରୁଷିଆ ଦଖଲରେ ଥିବା ବନ୍ଦର ସହର ମାରିଉପୋଲରୁ ମସ୍କୋ ମେଟାଲ ଏବଂ ଜାହାଜ ବୋହିନେଉଛି। ବନ୍ଦରର ଜଣେ ମୁଖପାତ୍ରଙ୍କ ସୂଚନା ଅନୁସାରେ, ଏକ ଭେସେଲରେ ପ୍ରାୟ ୨୭ ଶହ ଟନ୍ ମେଟାଲ ଭର୍ତ୍ତି କରାଯାଇ ତାହାକୁ ରୁଷୀୟ ସହର ରୋଷ୍ଟୋଭ-ଅନ୍-ଡନ୍‌କୁ ନିଆଯାଇଛି। ଏହା ସିଧାସଳଖ ଲୁଟ୍ ବୋଲି ୟୁକ୍ରେନ୍ ମାନବାଧିକାର କର୍ମୀ ଲିୟୁଡ୍‌ମିଲା ଡେନିସୋଭା କହିଛନ୍ତି। ଏଥିସହ ରୁଷିଆ ୟୁକ୍ରେନ୍‌ର ଖାଦ୍ୟଶସ୍ୟ ମଧ୍ୟ ଲୁଟୁଥିବା ସେ ଅଭିଯୋଗ ଆଣିଛନ୍ତି। ୩ ମାସ ଧରି ଲଢ଼େଇ ପରେ ଗତ ସପ୍ତାହରେ ୟୁକ୍ରେନ୍‌ର ପ୍ରମୁଖ ବନ୍ଦର ସହର ମାରିଉପୋଲକୁ ରୁଷିଆ ଦଖଲ କରିଥିବା ଦାବି କରିଥିଲା।

## ସଂକ୍ଷେପରେ

### ଚର୍ଚ୍ଚରେ ଦଳାଚକଟା: ୩୧ ମୃତ

**ଆବୁଜା, ୨୮।୫:** ନାଇଜେରିଆର ରିଭର୍ସ ପ୍ରଦେଶରେ ଏକ ଚର୍ଚ୍ଚରେ ଶନିବାର ଦଳାଚକଟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଛି। ଚର୍ଚ୍ଚରେ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେଠାରେ ଖାଦ୍ୟ ବଣ୍ଟାଯାଉଥିଲା। ଖାଇବାକୁ ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଯାଇଥିଲେ। ଏପରିକି ଲୋକେ ଚର୍ଚ୍ଚ ଗେଟ୍‌କୁ ମଧ ଭାଙ୍ଗି ଦେଇଥିଲେ। ଫଳରେ ଦଳଚକଟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ଗୁରୁତର ଅଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଥିବା ସ୍ଥାନୀୟ ପୋଲିସ କହିଛି।

### ବିଶ୍ୱର ପ୍ରଥମ ନାନୋ ୟୁରିଆ କାରଖାନା ଉଦ୍‌ଘାଟିତ

**ଅହମଦାବାଦ, ୨୮।୫:** ଗୁଜରାଟର କାଲୋଲଠାରେ ଇଫ୍‌କୋ ଦ୍ୱାରା ନିର୍ମିତ ବିଶ୍ୱର ପ୍ରଥମ ନାନୋ ୟୁରିଆ ତରଳ ପ୍ଲାଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିଛନ୍ତି। ଗାନ୍ଧୀନଗରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଉକ୍ତ ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ ଯୋଗ ଦେଇଥିଲେ। ୧୭୫ କୋଟି ବ୍ୟୟରେ ନିର୍ମିତ ପ୍ରଥମ ଇଫ୍‌କୋ ନାନୋ ୟୁରିଆ (ଲିକୁଇଡ୍) ଉତ୍ପାଦନ ୟୁନିଟ୍‌ର ଦୈନିକ ଉତ୍ପାଦନ କ୍ଷମତା ୧.୫ ଲକ୍ଷ ବୋତଲ ରହିଛି। ପ୍ରତି ବୋତଲରେ ୫୦୦ ମିଲିଗ୍ରାମ୍ ତରଳ ୟୁରିଆ ରହିବ। ପୌଷ୍ଟିକତା ମାନ ବଢ଼ାଇବା ଓ ଉତ୍ପାଦନ କ୍ଷମତା ବଢ଼ାଇବାରେ ନାନୋ ୟୁରିଆ ଲିକୁଇଡ୍ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥିବା ଇଫ୍‌କୋ ଏମ୍‌ଡି ଡ. ୟୁ.ଏସ. ଅୱସ୍ଥି କହିଛନ୍ତି। ଅଓଁଲା, ଫୁଲ୍‌ପୁର, କାଲୋଲ, ବେଙ୍ଗାଲୁରୁ, ପାରାଦୀପ, କାଣ୍ଡଲା, ଦେଓଘର ଓ ଗୁଆହାଟୀରେ ଇଫ୍‌କୋର ନାନୋ ୟୁରିଆ, ନାନୋ ଡିଏପି ଏବଂ ନାନୋ ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍ ପ୍ଲାଣ୍ଟ ରହିଛି।

### ବନ୍ଧୁକ ସଂସ୍କୃତି ସପକ୍ଷରେ ଟ୍ରମ୍ପ୍



**ୱାଶିଂଟନ୍, ୨୮।୫:** ଆମେରିକାର ଟେକ୍ସାସ୍ ଗୁଳିକାଣ୍ଡରେ ୧୯ ଶିଶୁଙ୍କ ମୃତ୍ୟୁ ପରେ ଦେଶରେ ବନ୍ଧୁକ ସଂସ୍କୃତି ଉପରେ ରୋକ ଲଗାଇବାକୁ ଦାବି ଉଠିଛି। ହେଲେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଗନ୍ କଲଚର୍' ସମର୍ଥନରେ ବାହାରିଛନ୍ତି। ବନ୍ଧୁକ ରଖି ଆଇନ ପାଳନ କରୁଥିବା ବ୍ୟକ୍ତିଙ୍କ ଲାଇସେନ୍ସ ରଦ୍ଦ କରା ନ ଯାଉ ବୋଲି ଟ୍ରମ୍ପ୍ ନ୍ୟାଶନାଲ ରାଇଫଲ ଆସୋସିଏଶନକୁ କହିଛନ୍ତି। ସ୍କୁଲରେ ପିଲାଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ଆବଶ୍ୟକ। ଯଦି ଆମେ ୟୁକ୍ରେନ୍‌ର ପୁନଃଗଠନ ପାଇଁ ୪୦ ବିଲିୟନ ଡଲାର ଦେବାକୁ ରାଜି ଅଛୁ, ତେବେ ସ୍କୁଲରେ ଆମ ପିଲାଙ୍କ ସୁରକ୍ଷା ପାଇଁ ଯଥେଷ୍ଟ ପଦକ୍ଷେପ ନେଇପାରିବୁ ବୋଲି ଜୋ ବାଇଡେନ୍ ସରକାରଙ୍କ ଉଦ୍ଦେଶ୍ୟରେ ଟ୍ରମ୍ପ୍ କହିଛନ୍ତି। ଆମେରିକା ଇରାକ୍ ଏବଂ ଆଫଗାନିସ୍ତାନରେ କିଛି ହାସଲ ନ କରି ମଧ ବହୁ ଟ୍ରିଲିୟନ ଡଲାର ଖର୍ଚ୍ଚ କରିପାରୁଛି। ଅନ୍ୟ ରାଷ୍ଟ୍ର ଗଠନ କରିବା ବଦଳରେ ନିଜ ପିଲାଙ୍କୁ ନିଜ ଦେଶରେ ସୁରକ୍ଷିତ ରଖାଯିବା ଉପରେ କାର୍ଯ୍ୟ ହେବା ଆବଶ୍ୟକ ବୋଲି ଟ୍ରମ୍ପ୍ କହିଛନ୍ତି।

## ୪୨୪ ଜଣଙ୍କ ସୁରକ୍ଷା ବ୍ୟବସ୍ଥା ହଟାଇଲା ପଞ୍ଜାବ

ଚଣ୍ଡିଗଡ଼, ୨୮।୫

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ସରକାର ଏକ ବଡ଼ ନିଷ୍ପତ୍ତି କ୍ରମେ ରାଜ୍ୟର ୪୨୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମିଳୁଥିବା ସୁରକ୍ଷା ସୁବିଧାକୁ ହଟାଇଦେଇଛନ୍ତି। ସୁରକ୍ଷା ହଟିଥିବା ଲୋକଙ୍କ ମଧ୍ୟରେ ରାଜନେତା, ଧର୍ମୀୟ ନେତା ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରହିଛନ୍ତି। ଗତ ମାସରେ ରାଜ୍ୟ ସରକାର ୧୮୪ ଜଣ ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ନେତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କ ପରିବାର, କ୍ୟାପଟେନ୍ ଅମରିନ୍ଦର ସିଂଙ୍କ ପୁଅ ରଣିନ୍ଦର ସିଂ ଏବଂ କଂଗ୍ରେସ ବିଧାୟକ ପରତାପ ସିଂ ବାଜୱାଙ୍କ ସ୍ତ୍ରୀଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥା ଏପ୍ରିଲରେ ହଟାଇ ଦିଆଯାଇଥିଲା।

## ଉପାସନା ସ୍ଥଳ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୮।୫(ପି.ଟି.)

ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ର କେତେକ ଧାରାର ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ସୁପ୍ରିମକୋର୍ଟରେ ଶନିବାର ସାନି ପିଟିଶନ ଦାଏର ହୋଇଛି। ସମ୍ବିଧାନରେ ପ୍ରଦତ୍ତ ଆଇନଗତ ସମାନତା ଓ ଭେଦଭାବ ନିରୋଧୀ ବ୍ୟବସ୍ଥାକୁ ଏହା ଉଲ୍ଲଂଘନ କରୁଥିବା ଆବେଦନକାରୀ ଦର୍ଶାଇଛନ୍ତି। ମଥୁରା ବାସିନ୍ଦା ଦେବକୀନନ୍ଦନ ଠାକୁର ଉପାସନା ସ୍ଥଳ ଆଇନର ଧାରା ୨, ୩ ଏବଂ ୪କୁ ଚ୍ୟାଲେଞ୍ଜ କରିଛନ୍ତି। ଏହା ହିନ୍ଦୁ, ଜୈନ, ବୌଦ୍ଧ ଏବଂ ଶିଖ୍‌ମାନଙ୍କ ଉପାସନା ସ୍ଥଳ, ତୀର୍ଥକ୍ଷେତ୍ର ଓ ଦେବଦେବୀଙ୍କ ସମ୍ପତ୍ତି ଫେରାଇ ନିଆଯାଇ ସେମାନଙ୍କ ନ୍ୟାୟିକ ଉପଚାର ଅଧିକାର ଛିନ୍ନ କରାଥିବା ସେ ଅଭିଯୋଗ କରିଛନ୍ତି।

## ଚାଇନାରେ ଝଡ଼ବର୍ଷା: ୧୫ ମୃତ

ବେଜିଂ, ୨୮।୫

ଦକ୍ଷିଣ ଚାଇନାରେ ପ୍ରବଳ ଝଡ଼ବର୍ଷା ଓ ଭୂସ୍ଖଳନ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଫୁଜିଆନ୍ ପ୍ରଦେଶରେ ଭୂସ୍ଖଳନ ଯୋଗୁ ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ୟୁନାନ ପ୍ରଦେଶରେ ବର୍ଷା ଯୋଗୁ ୫ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ନିଖୋଜ ଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଶୁକ୍ରବାର ଜିନ୍‌ଚେଙ୍ଗରେ ବନ୍ୟା ପାଣିରେ ଭାସିଯାଇଥିବା ୩ ଜଣ ପିଲାଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଛି।

## ଚର୍ମରୋଗ ଚିହ୍ନିବ ଆପ୍

ନୂଆଦିଲ୍ଲୀ, ୨୮।୫(ପି.ଟି.)

ଦିଲ୍ଲୀ ଏମ୍ସ ଏବଂ ନୁରିଥମ ଲାବ୍ସ ନାମକ ଏକ ଷ୍ଟାର୍ଟଅପ୍ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ସ୍ମାର୍ଟଫୋନ୍ ଆପ୍ ଲଞ୍ଚ କରାଯାଇଛି। ଏହା ଚର୍ମ ଓ ମୁଖ କର୍କଟ ସମେତ ବିଭିନ୍ନ ଚର୍ମରୋଗ ଚିହ୍ନଟ ଓ ନିଦାନ କରିପାରିବ। ଡର୍ମାଏଡ୍ ନାମରେ ଏହି ଚର୍ମରୋଗ ନିଦାନ ଆପ୍ ଶରୀରରେ ହୋଇଥିବା ଘା ବା ଚର୍ମରୋଗ ଫଟୋର ମେଡିକାଲ ଅନୁଧ୍ୟାନ କରି ୧୫ରୁ ୩୦ ସେକେଣ୍ଡ ମଧ୍ୟରେ ରୋଗର ସ୍ଥିତି ସମ୍ପର୍କରେ ଜଣାଇଦେବ। ଫଳରେ ରୋଗର ଚିକିତ୍ସା ସହଜ ହୋଇପାରିବ।

## ବାଲ୍ୟବିବାହ କରିଥିବା ୩ ଭଉଣୀଙ୍କ ସମେତ ୫ ଜଣଙ୍କୁ ହତ୍ୟା



ଜୟପୁର, ୨୮।୫

ରାଜସ୍ଥାନ ଜୟପୁର ଜିଲାର ଡୁଡୁ ସହରରେ ଥିବା ଏକ କୂଅରୁ ୩ ମହିଳା ଓ ୨ ଶିଶୁଙ୍କ ମୃତଦେହ ମିଳିଛି। ସେମାନଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତ ମହିଳା କଲୁ ଦେବୀ (୨୭), ମମତା (୨୩) ଓ କମଳେଶ ୩ ଭଉଣୀ। ମୃତ ଶିଶୁ ଦୁଇଜଣଙ୍କ ବୟସ ୪ ବର୍ଷ ଓ ୨୭ ଦିନ। ସେମାନେ କଲୁ ଦେବୀଙ୍କ ପିଲା। ମମତା ଏବଂ କମଳେଶ ଗର୍ଭବତୀ ଥିବା ଜଣାପଡ଼ିଛି। ୩ ଭଉଣୀ ୨୦୦୩ରେ ବାଲ୍ୟ ବିବାହ କରିଥିଲେ। ସେତେବେଳେ ସାନ ଭଉଣୀ କମଳେଶଙ୍କୁ ମାତ୍ର ୧ ବର୍ଷ ହୋଇଥିଲା। ବୁଧବାରଠାରୁ ସେମାନେ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ୩ ମହିଳା ଘରୋଇ ହିଂସାର ଶିକାର ହୋଇଆସୁଥିଲେ। ସେମାନଙ୍କ ଅଶିକ୍ଷିତ ସ୍ୱାମୀମାନେ ମଦ ନିଶାରେ ମାଡ଼ ମାରୁଥିଲେ ବୋଲି ପଡୋଶୀ କହିଛନ୍ତି।


ତାମିଲନାଡୁର ପୁରୁଣା ପମ୍ବନ ବ୍ରିଜ୍ ନିକଟରେ ଜଣେ ପର୍ଯ୍ୟଟକ ସେଲ୍‌ଫି ନେଉଛନ୍ତି।
ଏହା ନିକଟରେ ନିର୍ମାଣାଧୀନ ଥିବା ନୂଆ ପୋଲ ଭାରତର ପ୍ରଥମ ଭର୍ଟିକାଲ ଲିଫ୍ଟ ରେଲ୍‌ୱେ ସି ବ୍ରିଜ୍ ହେବାକୁ ଯାଉଛି।

## ୫୦ ଦିନରେ ଗୋଟାବାୟା ବିରୋଧୀ ଆନ୍ଦୋଳନ

କଲମ୍ବୋ, ୨୮।୫(ପି.ଟି.)




ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ସଙ୍କଟକୁ ନେଇ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ସରକାର ବିରୋଧୀ ଆନ୍ଦୋଳନ ଶନିବାର ୫୦ ଦିନରେ ପହଞ୍ଚିଛି। ଏପ୍ରିଲ ୯ରୁ 'ଗୋ ଗୋଟା ଗାମା' (ଗୋଟାବାୟା ଗାଁକୁ ଯାଅ) ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନର ୫୦ତମ ଦିନକୁ ସ୍ମରଣୀୟ କରିବା ପାଇଁ ଆୟୋଜକମାନେ ଶନିବାର ବିକ୍ଷୋଭ ଶୋଭାଯାତ୍ରା ବଢ଼ାଇବା ସହ ବହୁସଂଖ୍ୟାରେ ଲୋକଙ୍କୁ ଏଥିରେ ସାମିଲ କରାଇଥିଲେ। ଶ୍ରୀଲଙ୍କାରେ ଦେବାଳିଆ ସ୍ଥିତି ଦେଖାଦେଇଥିବାବେଳେ ଖାଦ୍ୟସାମଗ୍ରୀଠାରୁ ଆରମ୍ଭ କରି ଔଷଧ, ଇନ୍ଧନ, ରନ୍ଧନ ଗ୍ୟାସ୍, ଟଏଲେଟ ପେପେର, ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏହିସବୁ ସାମଗ୍ରୀ କିଣିବା ପାଇଁ କିଛି ମାସ ହେଲା ଲୋକଙ୍କୁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଦେଶରେ ଅର୍ଥନୈତିକ ସଙ୍କଟ ଯୋଗୁ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବିରେ ବିକ୍ଷୋଭକାରୀମାନେ ୪୯ ଦିନ ହେଲା ରାଷ୍ଟ୍ରପତି ଭବନ ପ୍ରବେଶ ପଥକୁ ଅକ୍ତିଆର କରି ରଖିଛନ୍ତି। ବିକ୍ଷୋଭ ସ୍ଥଳରେ ଦିନକୁ ଦିନ ଆନ୍ଦୋଳନକାରୀଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦେଉଛନ୍ତି। ଆନ୍ଦୋଳନ ତୀବ୍ରତର ହେବାରୁ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଗୋଟାବାୟାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍‌ସେ ଇସ୍ତଫା ଦେଇଥିଲେ। ଗୋଟାବାୟାଙ୍କ ଇସ୍ତଫା ଲାଗି ଜୋର୍‌ଦାର ଦାବି ସତ୍ତ୍ୱେ ସେ ପଦ ଛାଡ଼ିବାକୁ ଚାହୁଁନାହାନ୍ତି।

## ହିଜାବ, ମସ୍‌ଜିଦ ବିବାଦରୁ କର୍ଣ୍ଣାଟକରେ ସାମ୍ପ୍ରଦାୟିକ ଉତ୍ତେଜନା

ବେଙ୍ଗାଲୁରୁ, ୨୮।୫ (ଆଇଏଏନ୍‌ଏସ୍)

ହିଜାବ ବିବାଦ ପୁଣିଥରେ ଉପକୂଳ କର୍ଣ୍ଣାଟକରେ ମୁଣ୍ଡ ଟେକିଛି। ଏଥିସହିତ ମଲାଲି ମନ୍ଦିର-ମସ୍‌ଜିଦ ବିବାଦକୁ ନେଇ ଉତ୍ତର କନ୍ନଡ, ଦକ୍ଷିଣ କନ୍ନଡ ଏବଂ ଉଡୁପିରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ଭାଜପାର ଗଡ଼ କୁହାଯାଉଥିବା କର୍ଣ୍ଣାଟକର ଉପକୂଳ ଅଞ୍ଚଳ ସାମ୍ପ୍ରଦାୟିକତା ଦୃଷ୍ଟିରୁ ସମ୍ବେଦନଶୀଳ। ପୂର୍ବରୁ ଏଠାରେ ଅନେକ ଥର ସାମ୍ପ୍ରଦାୟିକ ଉତ୍ତେଜନା ଓ ସଂଘର୍ଷ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳରୁ ଆରମ୍ଭ ହୋଇଥିବା ହିଜାବ ବିବାଦ ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି।

ହିଜାବ ବିବାଦ ଏକପ୍ରକାର ସମାଧାନ ହୋଇଯାଇଥିବା ଭଳି ଜଣାପଡୁଥିଲେ ମଧ୍ୟ ପୁଣିଥରେ ଉପକୂଳ ଅଞ୍ଚଳରେ ଏହାକୁ ନେଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। କର୍ଣ୍ଣାଟକରେ ଗ୍ରୀଷ୍ମ ଛୁଟି ପରେ ସ୍କୁଲ୍ କଲେଜରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଶ୍ରେଣୀଗୃହରେ ହିଜାବ ପିନ୍ଧିବାକୁ ବିରୋଧ କରି ହିନ୍ଦୁ ଛାତ୍ରୀଛାତ୍ରମାନେ ପୁଣିଥରେ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ରାଜ୍ୟର ଭାଜପା ସରକାର କ୍ୟାମ୍ପସରେ କେବଳ ୟୁନିଫର୍ମକୁ ଅନୁମତି ଦେବା ଉପରେ ଗୁରୁତ୍ୱ ଦେଉଛି। ମାଙ୍ଗାଲୁରୁର ୟୁନିଭର୍ସିଟି କଲେଜରେ ଆନ୍ଦୋଳନ ପରେ ଭାଜପା ବିଧାୟକ ବେଦବ୍ୟାସ କାମାତ୍ କଲେଜ ଉନ୍ନୟନ ଓ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କ ସହ ବୈଠକ କରିଛନ୍ତି।

ସେପଟେ ମଲାଲି ମସ୍‌ଜିଦ ବିବାଦ ଜୋର୍ ଧରିଥିବାବେଳେ ସେଠାରୁ ହିନ୍ଦୁ କର୍ମୀମାନଙ୍କୁ ମୁଠାଏ ମାଟି ନେବାକୁ ଦିଆଯିବ ନାହିଁ ବୋଲି ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ) ପକ୍ଷରୁ କୁହାଯାଇଛି। ମସ୍‌ଜିଦ ଦଖଲ କରିବା ସ୍ୱପ୍ନ ନ ଦେଖିବାକୁ ଏସ୍‌ଡିପିଆଇ ରାଜ୍ୟ ସଭାପତି ଅବଦୁଲ ମାଜିଦ ମିସୁରୁ ଶନିବାର କହିଛନ୍ତି। ବଲାରିରେ ୨୦୦ ବର୍ଷର ପୁରୁଣଶ ସୁଗାଲମ୍ମା ମନ୍ଦିର ଭଙ୍ଗାଯାଇଥିବା ସମ୍ପର୍କରେ ସୁନିଶ୍ଚିତ କରାଇବା ଲାଗି ହିନ୍ଦୁ କର୍ମୀ ଓ ସଂଘ ପରିବାର ସଦସ୍ୟ ପାରମ୍ପରିକ 'ତମ୍ବୁଲା ପ୍ରଶ୍ନ' ଉପାୟ ଅବଲମ୍ବନ କରିବେ ବୋଲି କହିଥିଲାବେଳେ ମାଜିଦ ସେମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ମଲାଲି ମସ୍‌ଜିଦ ପରିସରର ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ନିକଟରେ ହୋଇଥିବା ଖନନରୁ ମସ୍‌ଜିଦ ପରିସରରେ ମନ୍ଦିର ଢାଞ୍ଚା ମିଳିଥିଲା। ଫଳରେ ସେଠାରେ ମନ୍ଦିର ଥିବା ନେଇ ହିନ୍ଦୁ କର୍ମୀମାନେ ଦାବି ଉଠାଇଥିଲେ। ଏହି ପ୍ରସଙ୍ଗରେ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ମେ, ୨୦୨୨



# ଆସୁଛି ବର୍ଷା, ଉପାନ୍ତବାସୀଙ୍କ ଚିନ୍ତା ବଢ଼ିଛି

କେନ୍ଦ୍ରାପଡ଼ା ଅଫିସ, ୨୮।୫

- କୁମ୍ଭୀର ଆକ୍ରମଣରେ ମାସକରେ ୨ ମୃତ
- ଫେଲ ମାରିଛି ଜିଓ ଟିଉବ୍‌ୱାଲ ପ୍ରକଳ୍ପ
- ୧୦ କିଲୋମିଟର ପରିଧିରେ ହେନ୍ତାଳବଣ ଦାବି

ଜୁନ୍ ପ୍ରଥମ ସପ୍ତାହରୁ ମୌସୁମୀ ବର୍ଷା ଆରମ୍ଭ ହେବ। ଏପରି ଆକଳନ ପାଣିପାଗ ବିଶେଷଜ୍ଞମାନେ କରିବା ପରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳବାସୀ ଚିନ୍ତାରେ ଅଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଭୟ ସଦାସର୍ବଦା ଲାଗି ରହୁଛି। ତଟକ୍ଷୟ ଯୋଗୁ ସମୁଦ୍ର ଜଳ ଗାଁକୁ ପଶି ଆସିବାର ଭୟ ଅଧିକ । ରାଜନଗର ବ୍ଲକର ପେଣ୍ଠସ୍ଥିତ ଜିଓ ଟିଉବ୍‌ୱାଲ ସୁରକ୍ଷିତ ନ ଥିବା ବେଳେ ଲୁଣା ତଟବନ୍ଧରେ ଆବଶ୍ୟକ ମରାମତି ହୋଇନାହିଁ। ମାସକରେ କୁମ୍ଭୀର ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ପରେ ଗାଧୁଆ ତୁଠ ନିର୍ମାଣ ପାଇଁ ଦାବିପତ୍ର ଦିଆହୋଇଛି। ସମୁଦ୍ର ତଟଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି କରାଗଲେ ବନ୍ୟା, ବାତ୍ୟା ଓ ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡ଼ା ଜିଲାକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି ।



ଜିଓ ଟିଉବ୍‌ୱାଲରୁ ପଥର ଖସିଯାଇଛି।

## ଜିଓ ଟିଉବ୍‌ୱାଲ ଅସୁରକ୍ଷିତ



“ପ୍ରତି ବର୍ଷ ବନ୍ୟାରେ କେନ୍ଦ୍ରାପଡ଼ା ଜିଲାର ୫୫ ଗ୍ରାମ ପ୍ରଭାବିତ ହେଉଛି । ନଦୀବନ୍ଧ ନ ଥିବାରୁ ଏହି ଅଞ୍ଚଳ ବନ୍ୟା ଜଳ ଘେରରେ ରହୁଛି । ବନ୍ୟା ପରି ସାମୁଦ୍ରିକ ଝଡ଼ ଓ ସୁନାମୀର ଆଶଙ୍କା ଅଛି । ତେବେ ତଟବନ୍ଧ ମରାମତି ଅଦ୍ୟାବଧି ସରିନାହିଁ । ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରକଳ୍ପ ୩୩ କୋଟି ଟଙ୍କା ବ୍ୟୟରେ ରାଜନଗର ବ୍ଲକ ପେଣ୍ଠଠାରେ ନିର୍ମାଣ ହୋଇଥିଲା । ଏହି ଟିଉବ୍‌ୱାଲ ଏବେ ସୁରକ୍ଷିତ ନାହିଁ। ଗାବିୟନ ବକ୍ସରୁ ପଥରଗୁଡ଼ିକ ସମୁଦ୍ରକୁ ଭାସିଯାଇ ଏକ ଆତଙ୍କିତ ସ୍ଥିତି ସୃଷ୍ଟି କରିଛି । ଜିଲାରେ ୪୮ କିଲୋମିଟର ସମୁଦ୍ର ତଟ ଅଛି । ଏହି ତଟାଞ୍ଚଳର ୫୬ ପ୍ରତିଶତ ଅଞ୍ଚଳରେ ଦ୍ରୁତ ତଟକ୍ଷୟ ହେଉଥିବା ସର୍ଭେ ରିପୋର୍ଟ ଦର୍ଶାଉଛି। ଏହାର ନିରାକରଣ ହେଉ ନ ଥିବାରୁ ବର୍ଷାଋତୁ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ସାଜିଛି ।

**– ସୁନୀଲ କୁମାର ଗନ୍ତାୟତ, ସାମାଜିକ କର୍ମୀ, ମହାକାଳପଡ଼ା**

## କୁମ୍ଭୀର ନେଲାଣି ୨ ଜୀବନ



“ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ କୁମ୍ଭୀର ଏବେ ଆତଙ୍କର କାରଣ ହୋଇଛି। ଗତ ମାସକ ମଧ୍ୟରେ ୨ ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି । ମେ ୬ରେ ଆଳି ଥାନା ଅଧୀନ ନଳପାଇ ଗ୍ରାମର ଶିବପ୍ରସାଦଙ୍କୁ କୁମ୍ଭୀର ଟାଣି ନେଇଥିଲା। ତାଙ୍କ ମୃତଦେହ ୭ରେ ଉଦ୍ଧାର ହୋଇଥିଲା। ସେହିପରି ଗତ ଗୁରୁବାର ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ଝାରପଡ଼ା ଗ୍ରାମର ବାସନ୍ତୀ ଜେନାଙ୍କୁ ବ୍ରହ୍ମଣୀ ନଦୀର ପାଟନାଳୀରୁ କୁମ୍ଭୀର ଟାଣି ନେଇଥିଲା । ନାଳ ବା ନଦୀର ଗାଧୁଆ ତୁଠରେ ତାରବାଡ ଦେବା, ଏହି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରିବା ଦାବିରେ ମହିଳା ମହାସଂଘ ପକ୍ଷରୁ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି । ଆଗାମୀ ବର୍ଷା ଋତୁରେ ଏପରି ଘଟଣା ବହୁବାର ହେବା ପୂର୍ବରୁ ଜିଲା ପ୍ରଶାସନ ଓ ବନ ବିଭାଗ କର୍ତ୍ତୃପକ୍ଷ ସତର୍କ ରହିବା ଆବଶ୍ୟକ।

**– ପ୍ରତାପ କୁମାର ପାଢ଼ୀ, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

## ଜବରଦଖଲରେ ହେନ୍ତାଳ ବଣ



“ହେନ୍ତାଳର ନମନୀୟ ଗୁଣ ଗଛକୁ ଜୁଆର ମାଡ଼ରୁ ରକ୍ଷା କରୁଥିବା ବେଳେ ଏହା ତଟକ୍ଷୟକୁ ରୋକିଥାଏ । ୧୯୯୯ ମହାବାତ୍ୟାରେ ଏହାର ପ୍ରମାଣ ଦେଖିବାକୁ ମିଳିଥିଲା। ଜୁଆର ଉତ୍ତାଳ ହୋଇଥିଲେ ମଧ୍ୟ ଜିଲାକୁ ପ୍ରବେଶ କରୁଥିବା ସମୁଦ୍ର ପାଣିକୁ ରୋକୁଥିଲା । ଫଳରେ ଜଗତସିଂହପୁର ଜିଲା ପରି କେନ୍ଦ୍ରାପଡ଼ା ଜିଲାରେ ଏତେ ସଂଖ୍ୟକ ଧନଜୀବନ ନଷ୍ଟ ହୋଇ ନ ଥିଲା । ୧୯୬୦ରୁ ତଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ ଫଳରେ ଭିତରକନିକାର ବହୁ ହେନ୍ତାଳବଣ ଜବରଦଖଲକୁ ଚାଲିଯାଇଛି । ଏଠାରେ ଥିବା ହେନ୍ତାଳ ବଣକୁ କାଟି ଚିଙ୍ଗୁଡ଼ିଘେରି ନିର୍ମାଣ ଫଳରେ ତଟକ୍ଷୟ ଦ୍ରୁତ ବେଗରେ ବଢ଼ି ଚାଲିଛି। ଏପରିକି ଏହାଯୋଗୁ ସାତଭାୟା ପଞ୍ଚାୟତର ୫ଟି ଗ୍ରାମ ରାଜସ୍ୱ ମାନଚିତ୍ରରୁ ହଜି ଯାଇଛି। ସମୁଦ୍ର ତଟଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି ହୋଇ ପାରିଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ଧନ ଜୀବନ ରକ୍ଷା ହେବ ।

**– କ୍ଷିତିଶ କୁମାର ସିଂହ, ଅଧ୍ୟାପକ, କେନ୍ଦ୍ରାପଡ଼ା**

## ସଂକ୍ଷେପରେ

### ବଡ଼ଆଙ୍କୋ ଗ୍ରାମରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା



ଆଳି,୨୮।୫(ଡି.ଏନ୍.ଏ.): ଆଳି ବ୍ଲକ ବାଲକାଟି ପଞ୍ଚାୟତ ଅନ୍ତର୍ଗତ ବଡ଼ଆଙ୍କୋ ଗ୍ରାମରେ ହନୁମାନଙ୍କ ନବନିର୍ମିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତିରେ ଅଙ୍କୁରାରୋପଣ, ମଙ୍ଗଳବାର କଳସ ଶୋଭାଯାତ୍ରା, ଗୁରୁପୂଜା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ବୁଧବାର ସୂର୍ଯ୍ୟପୂଜା, ମହାବୀରଙ୍କ ମହାସ୍ନାନ, ପ୍ରତିଷ୍ଠା, ମଣ୍ଡପ ପ୍ରବେଶ ପରେ ଗୁରୁବାର ମହାବୀରଙ୍କ ଆହୁତି ଓ ପୂର୍ଣ୍ଣାହୁତି ହୋଇଥିଲା । ଏଥିପାଇଁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବଜରଙ୍ଗୱାଲି ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

### ଯୌତୁକଜନିତ ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ ଗିରଫ

ପାରାଦୀପ,୨୮।୫(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ପିପିଏଲ୍ ଟାଉନଶିପସ୍ଥିତ ଶାରଳା କଲୋନୀର ଏକ ଭଡ଼ା ଘରୁ ଶୁକ୍ରବାର ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରୀତା ମଲ୍ଲିକ(୨୨)। ଏନେଇ ରୀତାଙ୍କ ବାପା ସୁରଥ ମଲ୍ଲିକ ଶନିବାର ଥାନାରେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଛନ୍ତି। ଏହ ପରେ ପୋଲିସ ମାମଲା (ନଂ.୧୬୫/୨୨)ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସୂର୍ଯ୍ୟକାନ୍ତ ଘଡେଇ(୨୮) ଓ ଶାଶୁ ସାବିତ୍ରୀ ରାଣୀ(୫୯)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ୨୦୨୦ ଡିସେମ୍ବର ୧୧ରେ ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ ସୁହାନପୁର ଗ୍ରାମର ସୂର୍ଯ୍ୟକାନ୍ତଙ୍କ ସହ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ଭଡାଲୋ ଗ୍ରାମର ରୀତାଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ଜାନିଯୌତୁକ ଦିଆଯାଇଥିଲା। ଏହାପରେ ରୀତା ସ୍ୱାମୀ ଓ ଶାଶୁଙ୍କ ସହ ଶାରଳା କଲୋନୀରେ ଭଡ଼ାରେ ରହୁଥିଲେ। ମାତ୍ର ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶାଶୁ ତାଙ୍କୁ ବହୁ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶୁକ୍ରବାର ତାଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ନେଇ ମଲ୍ଲିକ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ଲୁଣା-କରାଣ୍ଡିଆ ନଦୀରେ ସେତୁ ନିର୍ମାଣ ପାଇଁ ପ୍ରସ୍ତୁତ

### ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଲେ ଉଚ୍ଚସ୍ତରୀୟ ଅଧିକାରୀ

ଡେରାବିଶ,୨୮।୫(ସ୍ୱ.ପ୍ର.)

ଲୁଣା-କରାଣ୍ଡିଆ ନଦୀରେ ସେତୁର ନିର୍ମାଣ ପାଇଁ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଳ୍ପଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ଶନିବାର ଦ୍ୱିତୀୟ ଥର ପରିଦର୍ଶନରେ ଆସିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ପ୍ରଦୀପ ସାମଲ କହିଛନ୍ତି। ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳରେ ବସବାସ କରୁଥିବା ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ଅଧିବାସୀ ପ୍ରତିବର୍ଷ ବନ୍ୟା ଘେରରେ ରହିଥାଆନ୍ତି । ଏହାକୁ ନେଇ ଲୁଣା ନଦୀର ଗହଗା-ସଠିଲୋ ଓ କରାଣ୍ଡିଆ ନଦୀର କୂଳସାହି-ସଠିଲୋ ଠାରେ ୨ଟି ସେତୁ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା । ଶନିବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ (ସେତୁ) ଇଂ. ରମେଶ ଚନ୍ଦ୍ର ବେହେରା, ଯାଜପୁର ଓ କେନ୍ଦ୍ରାପଡ଼ା ସର୍କଲର ମୁଖ୍ୟ ନିର୍ମାଣ ଅଧିକାରୀ ଇଂ. ସକମୀର ସାମନ୍ତରାୟ, ଅଧୀକ୍ଷଣ ଯନ୍ତ୍ରୀ ସାନ୍ତ୍ୱନୁ କୁମାର ନାୟକ, ଉପନିର୍ବାହୀ ଯନ୍ତ୍ରୀ ଇଂ. ଦୁଃଖବନ୍ଧୁ ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଇଂ. ଅଞ୍ଜନ ବଳ ପ୍ରସ୍ତାବିତ ସ୍ଥଳ ପରିଦର୍ଶନ କରିଥିଲେ ।



ଉଚ୍ଚସ୍ତରୀୟ ଅଧିକାରୀମାନେ ପ୍ରସ୍ତାବିତ ସେତୁସ୍ଥଳ ବୁଲି ଦେଖୁଛନ୍ତି ।

## ଠାକୁରଙ୍କ ଜମିକୁ ନେଇ ସଂଘର୍ଷ: ଜଣେ ମୃତ, ୫ ଆହତ

ମହାକାଳପଡ଼ା,୨୮।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ରାଜଗଡ଼ ପଞ୍ଚାୟତ ପଡ଼ାଗୟାସପୁର ଗ୍ରାମରେ ଠାକୁରଙ୍କ ଜମି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କ ମୃତ୍ୟୁ ଘଟିଛି । ୫ଜଣ ଆହତ ହେଇଛନ୍ତି । ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ପରିସ୍ଥିତିକୁ ଲକ୍ଷ୍ୟ କରି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଠାକୁରଙ୍କ କେତେଗୁଣ୍ଠ ଜମିକୁ କେନ୍ଦ୍ରକରି ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ପରିବାର ସହିତ କାଳିନ୍ଦୀ ପଣ୍ଡାଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ଶନିବାର ଅପରାହ୍ନରେ ସେହି ବିବାଦ ଉଗ୍ରରୂପ ନେଇଥିଲା । ଫଳରେ ଗାଁ ଦାଣ୍ଡରେ ଏହି ୨ ପରିବାରର ସଦସ୍ୟମାନେ ଖଣ୍ଡା,ତଲୱାର ଆଦି ମାରଣାସ୍ତ୍ର ଧରି ମୁହାଁମୁହିଁ ହୋଇଥିଲେ । ଆକ୍ରମଣ ଓ ପ୍ରତିଆକ୍ରମଣରେ ଘଟଣାସ୍ଥଳରେ



ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ୨ ଆହତ ।

### ଥାନାରେ ୩ ଅଟକ

ଦିଲ୍ଲୀପ କୁମାର ପଣ୍ଡା(୬୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ପରିବାରର ସୁଶାନ୍ତ କୁମାର ପଣ୍ଡା(୫୧), ବିଶ୍ୱଜିତ୍ କର(୨୩), ସୁରେନ୍ଦ୍ର ପଣ୍ଡା(୭୭), ସୁମନ୍ତ କୁମାର ପଣ୍ଡା(୫୧) ଓ ଅନ୍ୟ ଗୋଷ୍ଠୀର ମଙ୍ଗୁଳି ପଣ୍ଡା ଗୁରୁତର ହୋଇଥିଲେ। ସମସ୍ତଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମଙ୍ଗୁଳିଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ମହାକାଳପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତ ଦିଲ୍ଲୀପଙ୍କ ଭାଇ ପ୍ରମୋଦ କୁମାର ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ମହାକାଳପଡ଼ା ଥାନାରେ ଏକ ମାମଲା(ନଂ.୧୦୯/୨୨) ରୁଜୁ କରି ପୋଲିସ ତନାଘନା ଚଳାଇଛି ।

## ଖଡ଼ିଅଣ୍ଟା ସମବାୟ ସମିତି ନିର୍ବାଚନ ବାତିଲ

ପଟ୍ଟାମୁଣ୍ଡାଇ,୨୮।୫(ଡି.ଏନ.ଏ.)

କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ୧୬ ସମବାୟ ସମିତିରୁ ୨ଟି ପର୍ଯ୍ୟାୟରେ ୧୫ଟିରେ ନିର୍ବାଚନ ହେବ । ଖଡିଅଣ୍ଟା ସମବାୟ ସମିତିର ନିର୍ବାଚନକୁ ବାତିଲ କରିଦିଆଯାଇଛି । ଏହି ସମବାୟ ସମିତିରେ କେହି ସ୍ଥାୟୀ ସମ୍ପାଦକ ନ ଥିବାରୁ ଏବଂ ଦାୟିତ୍ୱରେ ଥିବା ସମ୍ପାଦକଙ୍କ ନିକଟରେ ସମବାୟ ସମିତିର କୌଣସି କାଗଜପତ୍ର ନ ଥିବା କାରଣକୁ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ନିର୍ବାଚନ ବାତିଲ କରିଥିବା ସୂଚନା ମିଳିଛି । ୧୫ଟି ସମବାୟ ସମିତି ନିର୍ବାଚନ ଅନୁଷ୍ଠିତ ହେବା ଆପାତତଃ ସ୍ଥିର ହୋଇଛି । ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ମଧ୍ୟ ପ୍ରକାଶ ପାଇସାରିଛି । ଭୋଟର ତାଲିକା ପ୍ରକାଶନ ପୂର୍ବରୁ ଗତ ଏପ୍ରିଲ ୨୫ ତାରିଖରେ ୬୦ ଦିନିଆ ନୋଟିସ ଜାରି କରାଯାଇଥିଲା । ମେ ୨୧ରେ ସମିତିଗୁଡିକର କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା । ଗତ ୨୫ ତାରିଖରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରାଯାଇଛି। କିନ୍ତୁ ପ୍ରକାଶ ପାଇଥିବା ତାଲିକାରେ ଖଡିଅଣ୍ଟା ସମବାୟ ସମିତି ବାଦ ପଡିଛି ।

## ଟ୍ରାନ୍ସଫରମର ଅଚଳ, ଶତାଧିକ ଗାଁରେ ବିଦ୍ୟୁତ୍ ସେବା ବନ୍ଦ

ଆଳି,୨୮।୫(ଡି.ଏନ.ଏ.)

ଆଳି ବ୍ଲକ ପତ୍ରପୁର ବିଦ୍ୟୁତ୍ ସେକ୍ସନର ପାୱାର ଟ୍ରାନ୍ସଫରର୍ମର ଶନିବାର ଅପରାହ୍ନରେ ପୋଡ଼ିଯାଇଛି । ଫଳରେ ବଡାମ୍ବିଳା, ଅରେହିକଣା, ପତ୍ରପୁର, ନରେନ୍ଦ୍ରପୁର, ସିଙ୍ଗିରି, ମାଣିକପାଟଣା, ସହିରା, ବାଟିପଡା, ନୂଆପଡା, ସାନମଙ୍ଗ ଆଦି ପଞ୍ଚାୟତରେ ଶତାଧିକ ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଗ୍ରୀଷ୍ମ ପ୍ରଭାବ ବେଳେ ସେମାନେ ନାନା ହଇରାଣ ହେଉଛନ୍ତି ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି । ଗତ ୨୮ ବର୍ଷ ହେବ ଉକ୍ତ ଟ୍ରାନ୍ସଫରର୍ମରରୁ ଉପରୋକ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଉଥିଲା ବୋଲି ଗ୍ରାମବାସୀ କହିଛନ୍ତି ।

## ବ୍ୟବସାୟୀଙ୍କ ପରଲୋକ

ରାଜନଗର,୨୮।୫(ଡି.ଏନ.ଏ.)

ରାଜନଗର ଗାଁର ବସନ୍ତ କୁମାର ମହାପାତ୍ରଙ୍କ ଶନିବାର ୬୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ରାଜନଗର ବଜାରରେ ଦୀର୍ଘ ବର୍ଷ ହେଲା ବ୍ୟବସାୟ କରି ଆସୁଥିଲେ । ତାଙ୍କ ପରଲୋକରେ ରାଜନଗର ଓ ବଜାର ବ୍ୟବସାୟୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କୁ ସମ୍ମାନ ଜଣାଇ ରାଜନଗର ବଜାର ଦିନ ୧୨ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା । ରାଜନଗର ଜୟଦୁର୍ଗା ବଣିକ ସଂଘ ସଭାପତି ଶଙ୍କର୍ଷଣ ମିଶ୍ର ଓ କର୍ମକର୍ତ୍ତା,ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର,ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ । ବଡ଼ ପୁଅ ଶିବ ପ୍ରସାଦ ମହାପାତ୍ର ମୁଖାଗ୍ନି ଦେଇଥିଲେ ।

## ଅନ୍ୟ ଜିଲାକୁ ଗଲା ଲାଲ୍ ବାସ୍ନା ଧାନ

ରଘୁନାଥପୁର,୨୮।୫(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଜୁଆ ଅଞ୍ଚଳର ମହିଳା ଚାଷୀ ତଥା ବାଣୀକ୍ଷେତ୍ର ମହିଳା କୃଷି ଉତ୍ପାଦକ ସଂଘର ସମ୍ପାଦିକା କାଦମ୍ବିନୀ ବେହେରାଙ୍କ ଦ୍ୱାରା ଲାଲ ବାସ୍ନା ଧାନ ଉଦ୍‌ଭାବନ ହେବା ପରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ଗୋରେଖନାଥ କୃଷକ ମହାସଂଘ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସହକାରୀ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଯୋଗଦେଇ ଅବିଭକ୍ତ ଗଞ୍ଜାମ ଜିଲାରେ ଏହି ବାସ୍ନାଯୁକ୍ତ ଧାନଲ୍‌ଚାଷ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସମ୍ପାଦିକା ବେହେରା ଉପହାରସ୍ୱରୂପ କିଛି ଲାଲ୍ ବାସ୍ନା ଧାନ ବିହନ କୃଷି ଅଧିକାରୀ ସେଠୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷିଧିକାରୀ ରାଜକିଶୋର ଦାଶ, ଲାଲ ସଂସ୍ଥାର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ, ସମ୍ପାଦକ କ୍ଷେତ୍ରମୋହନ ବେହେରା ଓ ଭଗବାନ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୁଦୁରତ-୩ ଓ କେତକୀ ଜୁହା ସମ୍ମିଶ୍ରଣରେ ଲାଲ ବାସ୍ନାଧାନର ଉତ୍ପତ୍ତି ହୋଇଥିବାବେଳେ ଏହା ବାସ୍ନାଯୁକ୍ତ ଓ ସ୍ୱାଦିଷ୍ଟ ଅଟେ। ଏହାର ଅବଧି ୧୩୦ ଦିନ ଥିବାବେଳେ ରୋଗ ପୋକ ସହଣୀ ଏବଂ ଏକ ସପ୍ତାହ ପାଣିରେ ବୁଡି ରହିଲେବି ନଷ୍ଟ ହେବାର ଆଶଙ୍କା ଖୁବ କମ୍ ବୋଲି ସମ୍ପାଦିକା ବେହେରା କହିଛନ୍ତି। ଏଥିରେ ଚୁଡ଼ା, ମୁଢି ଓ ଖଇ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ପୁରୀ, କେନ୍ଦ୍ରାପଡା ଓ ଭଦ୍ରକ ଜିଲାରେ ଥିବା ବହୁ କୃଷକ ଉତ୍ପାଦକ ସଂଘର ସଦସ୍ୟମାନେ ଏହି ନୂଆ କିସମ ଧାନ ବିହନ ନେଇ ନିଜ ଅଞ୍ଚଳରେ ଚାଷ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ବେହେରା ସୂଚନା ଦେଇଛନ୍ତି।



କାଦମ୍ବିନୀ ବେହେରା ସହକାରୀ ଜିଲା କୃଷି ଅଧିକାରୀଙ୍କୁ ଧାନ ବିହନ ପ୍ରଦାନ କରୁଛନ୍ତି।

## ‘ଆମ ପିଲାଙ୍କ ହାତରେ ବନ୍ଧୁକ ନୁହେଁ, କଲମ ଅଛି’

### ରାହାଣ ବାବା ବିଦ୍ୟାଧର ହାଇସ୍କୁଲ ସ୍ୱତନ୍ତ୍ର ସମାରୋହ, ଗୋରଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ଜଗତ୍‌ସିଂହପୁର ଅଫିସ/ରାହାମା (ଡି.ଏନ୍.ଏ.)/ବାଲିକୁଦା (ଡି.ଏନ୍.ଏ.), ୨୮।୫

ଅନ୍ୟ ଦେଶର ପିଲାମାନେ ହାତରେ ବନ୍ଧୁକ ଓ ମାରଣାସ୍ତ୍ର ଧରୁଛନ୍ତି। କିନ୍ତୁ ଆମ ଦେଶର ପିଲାମାନେ ହାତରେ କାଗଜ ଓ କଲମ ଧରିଥାନ୍ତି। ଶିକ୍ଷାର ଗୁରୁତ୍ୱ ଆମ ଦେଶର ପିଲା ଓ ଅଭିଭାବକମାନେ ହୃଦୟଙ୍ଗମ କରିଛନ୍ତି। ଶନିବାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋରଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ସେ କହିଥିଲେ, ଭାରତୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ମହିମା ଆଜି ସାରା ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି। ମାତାପିତାଙ୍କ ପ୍ରତି ଗଭୀର ଭକ୍ତି ଓ ଭଲପାଇବା ଜଣେ ଦକ୍ଷ ମଣିଷ ସୃଷ୍ଟି କରିପାରିଥାଏ। ଏ ଦେଶରେ ଚା’ ବିକୁଥିବା ଲୋକ ପ୍ରଧାନମନ୍ତ୍ରୀ ଓ ଖବରକାଗଜ ବିକୁଥିବା ଲୋକ ମଧ୍ୟ ମିସାଇଲ ମ୍ୟାନ ହୋଇପାରନ୍ତି। ତେଣୁ ଚେଷ୍ଟା ଓ ଆନ୍ତରିକତା ରହିଲେ ପିଲାମାନେ ନିଶ୍ଚୟ ଦିନେନାଦିନେ ଦେଶର ନାଁ ରଖିପାରିବେ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ଉତ୍ସାହିତ କରିଥିଲେ। ଇଂ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶକୁ ପାଥେୟ କରି ଚାଲିଲେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି କହିଥିଲେ। ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନରେ ରାଜନୀତିକରଣକୁ ସମାଲୋଚନା କରିଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ ସମାଲୋଚନା କରିଥିଲେ। ଜିଲାପାଳ ପାରୁଲ ପଟୱାରୀ ଆଦର୍ଶ ଶିକ୍ଷାନୀତି ସମ୍ପର୍କରେ ଇଂଲିଶ୍‌ରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ଆଲୁମିନି ସଭାପତି ପ୍ରଫେସର ଗୋପାଳ ଚରଣ ବିଶ୍ୱାଳ ଅତିଥି ପରିଚୟ, ପ୍ରାରମ୍ଭିକ ସୂଚନା ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପାଣି ଅତିଥିମାନଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ।

ଅନ୍ୟପଟେ ବାଲିକୁଦା ବ୍ଲକ ରାହାଣସ୍ଥିତ ବାବା ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ୧୯୮୩ରୁ ୨୦୨୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଅନେକ ସାରଗର୍ଭକ ଭାଷଣ ଦେଇଥିଲେ। ସେ କହିଥିଲେ, ପିଲା ଜନ୍ମ ହେବା ପରେ ତା’ର ଭଗବାନଙ୍କ ସହ ସମ୍ପର୍କକୁ ଶିକ୍ଷକ ଓ ଅଭିଭାବକମାନେ ଛିନ୍ନ କରିଦେଉଛନ୍ତି। ପିଲାଙ୍କୁ ମାଟି ସହ ଖେଳିବାକୁ ଦିଆଯାଉନି। ପକ୍ଷୀଙ୍କୁ ଧରିବାକୁ, ମୟୂର ନାଚ ଦେଖିବାକୁ, ଆଉ ନାଗ ଦେବତାଙ୍କୁ ପ୍ରଣାମ କରିବାକୁ ଦିଆଯାଉନାହିଁ । ଛୋଟ ଗଛଟି କିପରି ବିରାଟ ଦ୍ରୁମରେ ପରିଣତ ହେଉଛି ତା ବିଷୟରେ ମଧ ଜାଣିବାକୁ ସୁଯୋଗ ରହୁନି। ପିଲାଙ୍କ ଇଚ୍ଛାକୁ ପୂରଣ କରିବାକୁ ଦିଆ ନ ଯିବା ଅର୍ଥ ଆମେ ଆମ ସୃଷ୍ଟିକୁ ଭୁଲିଯିବା ସହ ସମାନ। ତେଣୁ ଏସବୁ ବାବଦରେ ଚିନ୍ତା କରିବାର ସମୟ ଆସିଛି ବୋଲି ରାଜ୍ୟପାଳ କହିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ସିକାଗୋ ଭାଷଣ କଥା ମନେପକାଇ କହିଥିଲେ ଯେ, ଭାରତକୁ ଛାଡିଦେଲେ ଅନ୍ୟ କୌଣସି ଦେଶ କହିପାରିବ ନାହିଁ ସାରା ବିଶ୍ୱବାସୀ ଆମେ ଭାଇଭଉଣୀ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଦିଲୀପ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ସ୍ୱତନ୍ତ୍ର ଅତିଥି ଓ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇଥିଲେ। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରା ବାର୍ଷିକ ବିବରଣୀ, ଛାତ୍ର ସଂସଦ ଉପଦେଷ୍ଟା ବ୍ରହ୍ମାନନ୍ଦ ବେହେରା ବିଦ୍ୟାଳୟ ଓ ଜିଲାର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପୁରାତନ ଛାତ୍ରଙ୍କ ପକ୍ଷରୁ ପତ୍ରିକା ଉନ୍ମୋଚନ କରାଯାଇଥିଲା।




ବାବା ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ଯାଜପୁର ରୋଡ୍ ରେଳ ଓଭରବ୍ରିଜ୍ ପାଇଁ ୮୧.୭୮ କୋଟି ମଞ୍ଜୁର

ଯାଜପୁର ଅଫିସ,୨୮।୫: ଯାଜପୁର ରୋଡ୍ ରେଳଷ୍ଟେଶନର ଦକ୍ଷିଣ ଫାଟକ ଉପରେ ସାଇ ମନ୍ଦିର ନିକଟରେ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ରେଲ୍‌ୱେ ବୋର୍ଡ ପକ୍ଷରୁ ୮୧.୭୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଏନେଇ ୨୦୧୪ରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲା ଉପରେ ହାଇକୋର୍ଟ ଗତ ମାର୍ଚ୍ଚରେ ରେଲ୍‌ୱେ ବୋର୍ଡ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହିମର୍ମରେ ଆବେଦନକାରୀ ଆଇନଜୀବୀ ଜିତେନ୍ଦ୍ର ପ୍ରତିହାରୀଙ୍କୁ ହାଇକୋର୍ଟ ସୂଚନା ଦେଇଥିଲେ। ଏହିକ୍ରମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବାବେଳେ ଶନିବାର ରେଲ୍‌ୱେ ବୋର୍ଡ ଉପରୋକ୍ତ ଅର୍ଥ ମଞ୍ଜୁର କରିଥିବା ନେଇ ଆଇନଜୀବୀ ପ୍ରତିହାରି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯାଜପୁର ରୋଡ୍ ଷ୍ଟେଶନର ଦକ୍ଷିଣ ରେଳ ଫାଟକ ଏକ ସ୍ୱତନ୍ତ୍ର ଶ୍ରେଣୀର। ଏଠାରେ ଯାତ୍ରୀଙ୍କ ଭିଡ଼ ସବୁବେଳେ ଦେଖିବାକୁ ମିଳିଥାଏ। ଫାଟକର ଅପରପାର୍ଶ୍ୱରେ ଯାଜପୁର ସହର ରହିଥିବାବେଳେ ଅନ୍ୟପଟେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନରସିଂହ ଚୌଧୁରୀ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାକେନ୍ଦ୍ର ଆଦି ରହିଛି। ଏଭଳି ସ୍ଥିତିରେ ଫାଟକ ବନ୍ଦ ରହିଲେ ରୋଗୀ, ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଆଇନଜୀବୀ ପ୍ରତିହାରୀ ରେଲ୍‌ୱେ ବୋର୍ଡକୁ ରେଳ ଓଭରବ୍ରିଜ୍ ନିର୍ମାଣ କରିବାକୁ ବିଭାଗୀୟ ଜେନେରାଲ ମ୍ୟାନେଜରଙ୍କୁ ଅନୁରୋଧ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (୧୪୪୨୫/୨୦୧୪) ରୁଜୁ କରିଥିଲେ।

### ବେଆଇନ୍ ଖନନ ବେଳେ ଟ୍ରାକ୍ଟର ଜବତ, ୨ ଗିରଫ

ଧର୍ମଶାଳା/ଜେନାପୁର, ୨୮।୫ (ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ନେଇ ଅଭିଯୋଗ ହେବାପରେ ଜେନାପୁର ପୋଲିସ ଚଢ଼ାଉ କରିବା ସହ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏହି ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ନେଇ ତହସିଲଦାରଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ନଂ.୧୨୬/୨୨ରେ ଏକ ମାମଲା ରୁଜୁ କରି ଶୁକ୍ରବାର ଅପରାହ୍ନରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ ଖନନ କରୁଥିବା ତାଳଜଙ୍ଗ ଗ୍ରାମର ଅଜୟ ସେଠୀ(୩୫) ଓ ବାଘୁଆ ଗ୍ରାମର ଜିତେନ୍ଦ୍ର ପୃଷ୍ଟି(୩୬)ଙ୍କୁ ଗିରଫ କରିବା ସହ ବେଆଇନ ଭାବେ ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଚଣ୍ଡିଖୋଲକୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଏହି ତହସିଲ ଅଧୀନ ଅନେକ କଳାପଥର ଖାଦାନ ନିଲାମ ହୋଇ ନ ଥିବା ବେଳେ ପଥର ମାଫିଆ ବେଆଇନ ଭାବେ ଖନନ କରୁଛନ୍ତି। ଫଳରେ ଧର୍ମଶାଳା ତହସିଲ ୨୦୨୧/୨୨ ଆର୍ଥିକ ବର୍ଷରେ ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରି ପାରିନାହିଁ। ଏହି ତହସିଲ ପ୍ରତ୍ୟେହ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ସୁକିନ୍ଦା ବିହନ ଉତ୍ପାଦନ କ୍ଷେତ୍ର

■ ଅନ୍ଧାରରେ ଶ୍ରମିକଙ୍କ ଭବିଷ୍ୟତ
■ ସରକାରଙ୍କ ଉଦାସୀନତା ପାଇଁ ଚାଷୀ ପ୍ରଭାବିତ

ବିଶ୍ୱନାଥ ପାତ୍ର
ସୁକିନ୍ଦା,୨୮।୫(ଡି.ଏନ.ଏ.)

୭୪ ବର୍ଷ ତଳୁ ବିହନ ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ସୁକିନ୍ଦା ବିହନ ଉତ୍ପାଦନ କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଏଠାକାର ଶ୍ରମିକଙ୍କ ଜୀବିକାରେ ବେଡ଼ି ପଡ଼ିଯିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ବିହନ ଉତ୍ପାଦନ ଜମିରେ ଉର୍ବରତା ସହ ଜଳଯୋଗାଣର ଉତ୍ସ ଭରି ରହିଛି। ମାତ୍ର ସରକାରଙ୍କ ଉଦାସୀନତା ପାଇଁ ଏହି ଫାର୍ମ ରସାତଳକୁ ଠେଲି ହୋଇଯାଇଛି।

ରାଜ୍ୟ ସରକାର ୧୯୪୮ରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ସୁକିନ୍ଦା ବିହନ ଉତ୍ପାଦନ କ୍ଷେତ୍ର ସ୍ଥାପନ କରିଥିଲେ। ପ୍ରାରମ୍ଭରେ ବଳଦ ମାଧ୍ୟମରେ ଧାନ, ମୁଗ, ବିରି, କୋଳଥ, ଚିନାବାଦାମ, ରାଶି, ଧଣିଚା, ମକା, ସୋରିଷ, ବଇତାଳୁ, କଖାରୁ, ମାଣ୍ଡିଆ ଓ କାଙ୍ଗା ସହ ବିଭିନ୍ନ ପ୍ରକାରର ଚାଷ କରାଯାଉଥିଲା। ଏଥିରେ ବିହନ ଫାର୍ମ ସନ୍ନିକଟ ଗାଁ ଯଥା ; ମୂଳଖମ୍ବ, ଦାମୋଦରପୁର, ବନ୍ଧଗାଁ, ମାଣତିରା, ବଉଳପାଳ, ଗନ୍ଧାପାଳ, କୁହିକା, ପିମ୍ପୁଡ଼ିଆ, ରାଙ୍କିଆ, କୋଇଲୋ, ପୁବଳ, ମଙ୍ଗଳପୁର ଓ ଆମ୍ବପାଳ ଆଦି କୋଡ଼ିଏ ଖଣ୍ଡ ଗାଁର ଶ୍ରମିକଙ୍କୁ ନିୟୋଜିତ



ସୁକିନ୍ଦା ବିହନ ଉତ୍ପାଦନ କ୍ଷେତ୍ରସ୍ଥଳ।

କରାଯାଇଥିଲା। ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଆରମ୍ଭ କରି ଇଞ୍ଜିନିୟର ପର୍ଯ୍ୟନ୍ତ ମଧ୍ୟ ନିଯୁକ୍ତି ହୋଇଥିଲେ। ତେବେ ବିହନ ଫାର୍ମର ଚାଷଜମିକୁ ପ୍ରଥମେ ନବେ ଦଶକରେ ବିନା ଚୁକ୍ତିରେ ଉଦ୍ୟାନ ବିଭାଗକୁ ଦିଆଯାଇଥିଲା। ଉଦ୍ୟାନ ବିଭାଗ ବର୍ଷ ବର୍ଷ ଧରି ଏହି ଜମି ପଡ଼ିଆ ପକାଇବା ପରେ ଜମିରେ ପ୍ଲାମଲିନ ଗଛ ଲଗାଇଥିଲା। ହେଲେ ଦିନ କେଇଟାରେ ଏହି ଗଛସବୁ ଦେଖାଶୁଣା ଅଭାବରୁ ନଷ୍ଟ ହୋଇଯାଇଥିଲା। ଫଳରେ ସରକାରଙ୍କୁ ବିପୁଳ ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ପରେ ଏହି ଜମି ଗୋରୁଙ୍କ ଚାରଣ ଭୂଇଁ ପାଲଟିଯାଇଥିଲା। ଏଭଳି ଭାବରେ ଜମି ଦୀର୍ଘବର୍ଷ ପଡ଼ିଆ ପଡ଼ିବା ପରେ ୨୦୧୦/୧୧ରେ ଉଦ୍ୟାନ ବିଭାଗ ସ୍ୱଳ୍ପ ଜାଗାରେ ଆମ୍ବ ଓ କାଜୁ ଗଛ ଲଗାଇଥିଲା। ପରେ ସରକାର ଚୁକ୍ତିକରି ଏନ୍ଏସ୍‌ସି (ନ୍ୟାଶ୍‌ନାଲ ସିଡ୍ସ କର୍ପୋରେଶନ)କୁ ଉକ୍ତ ଫାର୍ମ ହସ୍ତାନ୍ତର କରିଥିଲେ। ତେବେ ଫାର୍ମର ଚାଷଜମିକୁ ସରକାର ଏନ୍ଏସ୍‌ସିକୁ ହସ୍ତାନ୍ତର ସମୟରେ ଶ୍ରମିକମାନେ ବିରୋଧ କରିଥିଲେ। ସେମାନଙ୍କ ଜୀବନଜୀବିକା ସହ ବିହନ ଫାର୍ମର ଭବିଷ୍ୟତ ଉପରେ ପ୍ରଶ୍ନ ଉଠାଇ ଏହି ଚୁକ୍ତି ବାତିଲ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ। ହେଲେ ସରକାର ଏହାକୁ କର୍ଣ୍ଣପାତ ନ କରି ବିନାମୂଲ୍ୟରେ ବିହନ ଫାର୍ମକୁ ଏନ୍ଏସ୍‌ସିକୁ ଡାଲିଜାତୀୟ ଫସଲ ଉତ୍ପାଦନ ପାଇଁ ପାଞ୍ଚବର୍ଷ ତଳେ ହସ୍ତାନ୍ତର କରିଥିଲେ। ମାତ୍ର ଏନ୍ଏସ୍‌ସି ନିଜେ କାର୍ଯ୍ୟ ନ କରି ଝାଡ଼ଖଣ୍ଡର ଜଣେ ଠିକାଦାରଙ୍କୁ ନିୟୋଜିତ କରି ବର୍ଷେ ଦି ବର୍ଷ କାମ କରିଥିଲା। ଏବେ ଆଉ କାମ ନ କରି ସରକାରଙ୍କ ନିକଟରେ ହାତ ଟେକିଦେଇଛି।

ସୂଚନାଥାଉକି, ରେଙ୍ଗାଲି କେନାଲରୁ ଏହି ଫାର୍ମ ଦେଇ ଜଳଯୋଗାଣ ହେଉଛି। ଏଥିସହିତ ଫାର୍ମକୁ ଜଳଯୋଗାଣ ପାଇଁ ସିଙ୍ଗାଡ଼ିଆଠାରେ ବନ୍ଧ ନିର୍ମାଣ କରାଯାଇ ଜଳ ଗଚ୍ଛିତ କରାଯାଇଛି। ଏଥିପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି। ଏପଟେ କୃଷିର ବିକାଶ ପାଇଁ ଆଧୁନିକ ଜ୍ଞାନକୌଶଳର ବୃଦ୍ଧି ପାଇଛି। ହେଲେ ଏହି ବିହନ ଉତ୍ପାଦନ କ୍ଷେତ୍ରରେ ୧୦୮.୦୬ ହେକ୍ଟର ଚାଷଜମି ଆଜି ଅଲୋଡ଼ା ହୋଇପଡ଼ିଛି। ସେହିପରି ବିହନ ଫାର୍ମର ଚାଷ ଜମିକୁ ଉଦ୍ୟାନ ବିଭାଗକୁ ହସ୍ତାନ୍ତର ହେବାର ୩୦ ବର୍ଷ ପରେ ପଡ଼ିଆ ପଡ଼ିଥିବା ଚାଷ ଜମିରେ ପିଜୁଳି ଚାରାରୋପଣ କରି ବିପୁଳ ଟଙ୍କାର ମୁନାଫା କରାଯିବା ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହେବାପରେ ଏହି ଫାର୍ମର ଚାଷଜମିର ଭବିଷ୍ୟତ ବାରିହୋଇ ପଡୁଛି। ଯେଉଁ ଫାର୍ମ ବିହନ ଉତ୍ପାଦନ କରି ରାଜ୍ୟର ଚାଷୀକୁଳକୁ ବିହନ ଯୋଗାଣ କରୁଥିଲା ସେହି ଫାର୍ମ ଆଜି ସତ୍ତା ହରାଇବାକୁ ବସିଛି। ଏହା ଉପରେ ନିର୍ଭର କରିଆସୁଥିବା ଶତାଧିକ ଶ୍ରମିକଙ୍କ ଜୀବନଜୀବିକା ଦୋ ଛକିରେ ଠିଆହୋଇଛି। ଏଭଳି ସ୍ଥିତିରେ ବିହନ ଫାର୍ମର ଭିତ୍ତିଭୂମି ବିକାଶ ପାଇଁ ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଜିଲା ଖଣିଜ ପାଣ୍ଠି ଖର୍ଚ୍ଚ କରିବାକୁ ଘନଘନ ବୈଠକ କରି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ବିହନ ଫାର୍ମର ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ସାମାନ୍ୟତମ ଉଦ୍ୟମ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ଅଯୋଧ୍ୟା ମହାପାତ୍ର କହିଛନ୍ତି, ୨୦ ଦିନ ତଳେ ଏନ୍ଏସ୍‌ସି କୃଷି ବିଭାଗକୁ ଚିଠି ଲେଖି ଉକ୍ତ ସ୍ଥାନ ଛାଡ଼ିଥିବା ଜଣାଇଛି। ତେଣୁ ଏବେ ସରକାର ସେହି ଫାର୍ମକୁ ରାଜ୍ୟ ସିଡ୍‌ସ କର୍ପୋରେଶନ ମାଧ୍ୟମରେ କାର୍ଯ୍ୟକାରୀ କରିବାରୁ ଯୋଜନା କରୁଛନ୍ତି।

## ପୂର୍ବତନ ତହସିଲଦାରଙ୍କ ନାଁରେ କେସ୍ ରୁଜୁ ନିର୍ଦ୍ଦେଶ

**ବାଲି ଗାଡ଼ି ଅଟକ ମାମଲା**

କାଳିଆପାଣି, ୨୮।୫ (ଡି.ଏନ୍.ଏ.)

କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ବାଲି ଲୋଡିଂ ଥିବା ୩ ହାଇୱାକୁ ଅଟକ ରଖିବା ଘଟଣାରେ ସୁକିନ୍ଦାର ପୂର୍ବତନ ତହସିଲଦାର କାବେରୀ ମୁଦୁଲିଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରିବାକୁ ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ସୁକିନ୍ଦା କାଳିଆପାଣି ଥାନାକୁ ଗତ ୨୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ମିଶ୍ର ଇଞ୍ଜିନିୟରିଂ ନାମକ ବାଲି ସପ୍ଲାୟର ସଂସ୍ଥା ଇମ୍ପା ଭୂତଳ ଖଣିକୁ ଦୀର୍ଘ ଦିନ ହେଲା ବାଲି ଯୋଗାଇ ଆସୁଛି। ହେଲେ ଅନ୍ୟ କେତେଜଣ ସପ୍ଲାୟର ନକଲି କାଗଜପତ୍ର ଏବଂ ନାନା ଅନିୟମିତତାରେ ବାଲି ଓଭରଲୋଡିଂ କରି ପରିବହନ କରୁଥିବା ଅଭିଯୋଗ ଆସିଥିଲା। ତଦନୁଯାୟୀ ତହସିଲଦାର ମୁଦୁଲି ବିଭିନ୍ନ ସ୍ଥାନରେ ଧରପଗଡ଼ କରିଥିଲେ। ଏହି ସମୟରେ ମିଶ୍ର ଇଞ୍ଜିନିୟରିଂର ୩ଟି ବାଲି ବୋଝେଇ ହାଇୱାକୁ ସେ ଧରିଥିଲେ। କାଗଜପତ୍ର ଯାଞ୍ଚରୁ ସନ୍ଦେହ ହେବାରୁ ସେଗୁଡ଼ିକୁ ତହସିଲଦାର ମୁଦୁଲି କାଳିଆପାଣି ଥାନାର ଜିମା ଦେଇଥିଲେ। ମିଶ୍ର ଇଞ୍ଜିନିୟରିଂର ମ୍ୟାନେଜର ରାଜ କିଶୋର ସେନାପତି ତାଙ୍କ ସଂସ୍ଥାର ଗାଡ଼ିଗୁଡ଼ିକର ସମସ୍ତ କାଗଜପତ୍ର ଠିକ ଥିବା ନେଇ ପ୍ରମାଣ କରେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଥାନାରୁ ସେଗୁଡ଼ିକୁ ଛଡ଼ାଯାଇ ନ ଥିଲା। ଫଳରେ ସେ ତହସିଲଦାର ମୁଦୁଲିଙ୍କ ନାମରେ କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ତାଙ୍କ ଅଭିଯୋଗ ରଖି ନ ଥିଲେ। ଫଳରେ ସେନାପତି ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋଡ୍ ହୋଇଥିବା ବାଲି ଓ ଗାଡ଼ିର କାଗଜପତ୍ର ସବୁ ଠିକ୍ ଥିବା ସତ୍ତ୍ୱେ ତହସିଲଦାର ଗାଡ଼ି ଅଟକ ରଖି ହଇରାଣ କରୁଥିବା ସେନାପତି ଅଭିଯୋଗରେ ଦର୍ଶାଇଥିଲେ। ସେନାପତିଙ୍କ ଅଭିଯୋଗକୁ ଆଧାର କରି ଗ୍ରାମ୍ୟ ନ୍ୟାୟାଳୟ ତହସିଲଦାର ମୁଦୁଲିଙ୍କ ନାମରେ ସିଆର୍‌ପିସିର ଦଫା ୧୫୬(୩) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କରିବା ସହ ଆସନ୍ତା ଜୁନ୍ ୭ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କାଳିଆପାଣି ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି।

## ‘ଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଛି’



**ପ୍ରଫୁଲ୍ଲ ମହାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ**

ଚଣ୍ଡିଖୋଲ,୨୮।୫(ଡି.ଏନ.ଏ.)

କେନ୍ଦ୍ର ସାହିତ୍ୟ ଏକାଡେମୀର ଅନରାରି ଫେଲୋ ଭାବେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ଓ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏକାଡେମୀର ଏହି ସର୍ବୋଚ୍ଚ ସମ୍ମାନ ସାହିତ୍ୟ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ବିଦେଶରେ ରହୁଥିବା ୧୦ଜଣ ଶ୍ରେଷ୍ଠ ଭାରତୀୟ ସାହିତ୍ୟିକଙ୍କୁ ପ୍ରଦାନ କରାଯାଇଥାଏ। ଏପରି ସମ୍ମାନ ପାଇବାରେ ପ୍ରଫୁଲ୍ଲ ପ୍ରଥମ ଓଡ଼ିଆ। ଏକାଡେମୀର ଗତ ସାଧାରଣ ବୈଠକରେ ମହାନ୍ତି ନିର୍ବାଚିତ ହୋଇଥିବା ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ପତ୍ର ମାଧ୍ୟମରେ ଜଣାଇଛନ୍ତି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନାନପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ମହାନ୍ତି ଭାରତ ବାହାରେ ୧୨ଟି ଦେଶରେ ନିଜ ଚିତ୍ରକଳାର ଯାଦୁ ଦେଖାଇ ପ୍ରଶଂସା ସାଉଣ୍ଟିଛନ୍ତି। କେବଳ ଚିତ୍ର ଶିଳ୍ପୀ ନୁହେଁ ବିଦେଶରେ ପୁସ୍ତକ ରଚନା କରି ସୁନାମ ଅର୍ଜନ ଆଣିଥିବା ବିଶିଷ୍ଟ ଆନ୍ତର୍ଜାତିକ ଲେଖକ ହେଉଛନ୍ତି ସେ। ସୁଦୂର ଲଣ୍ଡନରେ ରହୁଥିଲେ ମଧ୍ୟ ଗାଁ ମାଟିକୁ କେବେବି ଭୁଲି ପାରିନାହାନ୍ତି। ପ୍ରତ୍ୟେକ ବର୍ଷ ନିଜ ଗାଁକୁ ଆସି ଦୁଇମାସ ସମୟ ଅତିବାହିତ କରି ଯାଇଥାନ୍ତି। ୧୯୩୩ ମସିହାରେ ଜନ୍ମିତ ମହାନ୍ତି ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ନର୍‌ୱେ, ଇଟାଲି, ଆମେରିକା, ଜାପାନା, ଫିଲିପାଇନ୍ସ ଓ ଭାରତର ବହୁ ସ୍ଥାନରେ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଏପରିକି ତାଙ୍କର ଗୋଟିଏ ଚିତ୍ରକୁ ଇଂଲଣ୍ଡ ସରକାର ୧୫ ହଜାର ପାଉଣ୍ଡରେ କିଣିନେଇ ବ୍ରିଟିଶ୍ ମ୍ୟୁଜିୟମରେ ସ୍ଥାନିତ କରିଛନ୍ତି।

୧୯୭୧ରେ ଓଡ଼ିଶାରେ ହୋଇଥିବା ବାତ୍ୟା ଖବର ପାଇ ଗାଁକୁ ଆସିଥିଲେ। ଏଠାରୁ ଗାଁର ଚିତ୍ର ଦେଖି ସେ ‘ମାଇଁ ଭିଲେଜ୍ ମାଇଁ ଲାଇଫ୍’ ନାମରେ ଏକ ପୁସ୍ତକ ରଚନା କରିଥିଲେ। ତାହା ପ୍ରଥମେ ୧୯୭୩ରେ ଲଣ୍ଡନରେ ପ୍ରକାଶିତ ହୋଇଥିଲା। ସେ ଏପର୍ଯ୍ୟନ୍ତ ଇଂଲିଶ ଭାଷାରେ ୬ଟି ପୁସ୍ତକ ରଚନା କରିଛନ୍ତି। ସେଗୁଡିକ ହେଲା ମାଇଁ ଭିଲେଜ ମାଇଁ ଲାଇଫ୍, ଇଣ୍ଡିଆନ୍ ଭିଲେଜ ଟିଅର୍ସ, ଥ୍ରୋ ବ୍ରାଉନ୍ ଆଇଜ, ଚେଞ୍ଜିଙ୍ଗ ଭିଲେଜ ଚେଞ୍ଜିଙ୍ଗ ଲାଇଫ୍, ଲଗିଙ୍ଗ ଓ ଶୂନ୍ୟ। ସମସ୍ତ ପୁସ୍ତକ ଇଂରାଜୀ ଭାଷାରେ ଓ ପ୍ରଥମେ ଲଣ୍ଡନରେ ପ୍ରକାଶିତ ହେଲା ପରେ ଅନ୍ୟଦେଶରେ ପ୍ରକାଶିତ ହୋଇଛି। ବର୍ତ୍ତମାନ ତାଙ୍କ ରଚିତ ପୁସ୍ତକ ୧୧ଟି ଦେଶରେ ପ୍ରଚଳିତ ହେଉଛି। ସେ ତାଙ୍କ ନିଜ ମା’ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଏହି ସଫଳତା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କ ସଫଳତା ଲାଗି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଜେ.ପି. ଦାସ, ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଦେଖିଲେ ବିଧାୟକ

ଜେନାପୁର,୨୮।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଘୁଆ ବ୍ରାହ୍ମଣୀ ଦେବୀ ଉଚ୍ଚ ବିଦ୍ୟାଳୟରେ ୫-ଟି ରୂପାନ୍ତରଣ ମାଧ୍ୟମରେ ଚାଲୁଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଶନିବାର ବୁଲି ଦେଖିଛନ୍ତି। ଏହି ସମୟରେ ସେ ବିଦ୍ୟାଳୟର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧାଅସୁବିଧା ବିଷୟରେ ବୁଝିଥିଲେ। ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଉତ୍କଳମଣି ଦାସ, ପଞ୍ଚାୟତ ସଭାପତି ଅକ୍ଷୟ କୁମାର ପ୍ରଧାନ, ୧୨ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ସାହୁ, ନାରାୟଣ ସାହୁ, ପବିତ୍ର କୁମାର ସାହୁ, ଦୁଷ୍ମନ୍ତ କୁମାର ବଳ ଓ ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଏଣ୍ଡଲବା ଉଚ୍ଚ ବିଦ୍ୟାଳୟ, ରେଖିଦେଇପୁର ଉଚ୍ଚ ବିଦ୍ୟାଳୟ ଓ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜ ବୁଲି ଦେଖିଥିଲେ।


ବାଘୁଆ ବ୍ରାହ୍ମଣୀ ଦେବୀ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

## ପୁଣି କୋଇଲା ବୋଝେଇ ଟ୍ରେନ୍‌ରେ ଲାଗିଲା ନିଆଁ

ଧର୍ମଶାଳା,୨୮।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ରେଳ ଷ୍ଟେଶନରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଶନିବାର ପୁଣି ନିଆଁ ଲାଗିଛି। ଫଳରେ ବିପୁଳ କୋଇଲା ଜଳିଯାଇଥିବା ଜଣାପଡ଼ିଛି। ବାଲେଶ୍ୱର ଆଡ଼କୁ ଯାଉଥିବା ଟ୍ରେନ୍ ଲାଇନ କ୍ଲିୟର ପାଇଁ ହରିଦାସପୁର ଷ୍ଟେଶନ ନିକଟରେ ଅଟକି ରହିଥିଲା। ତେବେ ଏହି ଟ୍ରେନ୍ ୱାଗନରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନ ମାଷ୍ଟର ଏସମ୍ପର୍କରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତାପମାତ୍ରା ବୃଦ୍ଧି ଯୋଗୁ କୋଇଲା ବୋଝେଇ ୱାଗନରେ ଏଭଳି ବାରମ୍ବାର ନିଆଁ ଲାଗୁଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର ହରିଦାସପୁର ଷ୍ଟେଶନ ନିକଟରେ ଏକ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଥିଲା।

## ସିଂହପୁର ବଜାର ବ୍ୟବସାୟୀଙ୍କ ପରଲୋକ

ସିଂହପୁର,୨୮।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବ୍ୟବସାୟୀ ବିନୟ ଜେନାଙ୍କ ଶନିବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ସେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ସିଂହପୁର ବଜାର ସମେତ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ହେଲା ସିଂହପୁର ବଜାରରେ ଏକ ସାଇକେଲ ଷ୍ଟୋର କରିଥିଲେ। ତାଙ୍କ ମର ଶରୀର ପହଞ୍ଚିବା ପରେ ବ୍ୟବସାୟୀମାନେ ବଜାର ପ୍ରବେଶ ପଥରୁ ଏକ ଶୋଭାଯାତ୍ରାରେ ନେଇଥିଲେ। ଜେନାଙ୍କ ବିୟୋଗରେ ସିଂହପୁର ବଜାର ବ୍ୟବସାୟ ସଂଘର ସଦସ୍ୟମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଧାନମଣ୍ଡଳ ସରପଞ୍ଚ ନିର୍ବାଚନ: ନବଦ୍ୱୀପ ବିଜୟୀ


ସମର୍ଥକଙ୍କ ସହ ବିଜୟୀ ସରପଞ୍ଚ ପଞ୍ଚାୟତ ପରିକ୍ରମା କରୁଛନ୍ତି।

ଚଣ୍ଡିଖୋଲ,୨୮।୫(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ଉପନିର୍ବାଚନ ହୋଇଥିବାବେଳେ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ନବଦ୍ୱୀପ ନାୟକ ବିଜୟୀ ହୋଇଛନ୍ତି। ସେ ୨୦୭୭ଖଣ୍ଡ ଭୋଟ ପାଇଥିଲାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବାଶିଷ ନାୟକ ମାତ୍ର ୪୭୨ଖଣ୍ଡ ଭୋଟ ପାଇଛନ୍ତି। ସେହିଭଳି ଚନ୍ଦନ କୁମାର ପଣ୍ଡା ୮୮ଖଣ୍ଡ ଓ ନରେନ୍ଦ୍ର ଦାସ ୩୦ଖଣ୍ଡ ଭୋଟ ପାଇଛନ୍ତି। ମୋଟ୍ ୨୭୧୨ ଭୋଟ ହୋଇଥିବାବେଳେ ସେଥି ମଧ୍ୟରୁ ୪୫ଖଣ୍ଡ ନାକଚ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଅଜିତ୍ ନାରାୟଣ ଗିରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନବଦ୍ୱୀପ ବିଜୟୀ ହେବାପରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଧାନମଣ୍ଡଳ ପଞ୍ଚାୟତ ବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶାନ୍ତିଶୃଙ୍ଖଳା ଉପନିର୍ବାଚନ ପାଇଁ ବ୍ଲକ ପ୍ରଶାସନ ଓ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି। ବିଜୟୀ ଘୋଷଣା ପରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଜିଲା ଉପସଭାପତି ଅମର ମହାନ୍ତି, କୋଷାଧ୍ୟକ୍ଷ ମିହିର କୁମାର ସ୍ୱାଇଁ, ଜୋନ୍ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ ପ୍ରମୁଖ ନବଦ୍ୱୀପଙ୍କୁ ଶୋଭାଯାତ୍ରାରେ ନେଇ ପଞ୍ଚାୟତ ପରିକ୍ରମା କରିଥିଲେ।

# ଆଗକୁ ବର୍ଷା, ମୁକୁଳା ପଡ଼ିଛି ଡ୍ରେନ୍

**ବ୍ୟାସନଗର ମ୍ୟୁନିସିପାଲିଟି**

■ ଅପରିଷ୍କାର, ଦୁର୍ଗନ୍ଧରେ ରୁନ୍ଧି ହୋଇଯାଉଛନ୍ତି ସହରବାସୀ

ଯାଜପୁର ଅଫିସ,୨୮।୫

ବ୍ୟାସନଗର ପୌରପରିଷଦ ଗଠନ ହେବାର ୨୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ଇତିମଧ୍ୟରେ ୫ରୁ ଊର୍ଦ୍ଧ୍ୱ ଥର ଲେଖାଏ ପୌର ପରିଷଦ ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ବିଧାୟକ ନିର୍ବାଚିତ ହୋଇ ସାରିଛନ୍ତି। କିନ୍ତୁ ଆଜି ବି ଡ୍ରେନ ଓ ପରିମଳ ସମସ୍ୟା ସୁଧୁରିଲା ନାହିଁ। ଫଳରେ ବ୍ୟାସନଗର ସହରବାସୀ ଅପରିଷ୍କାରରେ ରୁନ୍ଧି ହୋଇଯାଉଛନ୍ତି। ଆଗକୁ ବର୍ଷାଦିନ ଆସୁଛି। ଅଧିକାଂଶ ଡ୍ରେନ୍ ମୁକୁଳା ପଡ଼ିଥିବାରୁ ପଥଚାରୀଙ୍କ ପାଇଁ ତାହା ବିପଦ ହୋଇଛି। ଏହାସହ ଡ୍ରେନଗୁଡ଼ିକରେ ଆବର୍ଜନା ଭର୍ତ୍ତି ହୋଇଥିବାରୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ତଥାପି ଯାଜପୁର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚେତୁନାହାନ୍ତି। ଗତ ପ୍ରାୟ ୧ ବର୍ଷ ହେଲା ସହରର ପରିମଳ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଦାୟିତ୍ୱରେ ରହିଥିବା ଠିକାସଂସ୍ଥାକୁ ମ୍ୟୁନିସିପାଲିଟି ପକ୍ଷରୁ ଆଖିବୁଜି ସମର୍ଥନ ଦିଆଯାଉଥିବାରୁ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି।


ବ୍ୟାସନଗର ଦଳାଛକ ନିକଟସ୍ଥ ଡ୍ରେନ୍ ଖୋଲା ପଡିଛି।

ସହରର ପରିମଳ ଯେ କୌଣସି ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ। କିନ୍ତୁ ଏହି ଦାୟିତ୍ୱ ବ୍ୟାସନଗର ମ୍ୟୁନିସିପାଲିଟି ପାଇଁ ପ୍ରାଥମିକତା ରଖିନାହିଁ। ୨୦ବର୍ଷ ପୂର୍ବେ ଏହି ସହରର ଜନସଂଖ୍ୟା ପ୍ରାୟ ୫୦ ହଜାର ଥିବାବେଳେ ଏବେ ପ୍ରାୟ ଦେଢ଼ ଲକ୍ଷ ପାଖାପାଖି ରହିଛି। କଳିଙ୍ଗନଗରରେ ବିଭିନ୍ନ ଶିଳ୍ପ କାରଖାନା ପ୍ରତିଷ୍ଠା ହେବା ସହ ସହରର ପରିସୀମା ବହୁଗୁଣରେ ବୃଦ୍ଧି ପାଇଛି। ଅପରପକ୍ଷେ ୪ ବର୍ଷ ତଳେ ପରିମଳ ବାବଦକୁ ୧୨ରୁ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲାବେଳେ ତାହା ଏବେ ୨ଗୁଣ ବୃଦ୍ଧି ପାଇଛି। ବିଗତ ଦିନରେ ଘରୋଇକରଣକୁ ନେଇ ତିକ୍ତ ଅଭିଜ୍ଞତା ଥିବା ସତ୍ତ୍ୱେ ୧ ବର୍ଷ ତଳେ ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଡ୍ରେନ ସଫେଇ ସହ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ଏହି ସଂସ୍ଥାକୁ ମାସିକ ୨୦ରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ହେଲେ ଏହି ଅର୍ଥରୁ କିଛି କେତେଜଣ ପଦସ୍ଥ ଅଧିକାରୀ ଓ ନେତାଙ୍କ ପକେଟକୁ ଯାଉଥିବାରୁ ପରିମଳ ସୁଧାର କ’ଣ ହେବ ଆହୁରି ବିଗିଡ଼ି ଯାଉଛି ବୋଲି ଅଭିଯୋଗ ହେଉଛି। ତେଣୁ ସହରର ସଫେଇ କାର୍ଯ୍ୟ ନେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିବାକୁ ମ୍ୟୁନିସିପାଲିଟିରେ କେହିନାହାନ୍ତି ବୋଲି କୁହାଯାଉଛି। ସହରର ପ୍ରବେଶ ପଥ ଦଳା ଛକ ଡ୍ରେନରେ ମଇଳା ଆବର୍ଜନା ଭର୍ତ୍ତି ଥିବା ଦେଖିବାକୁ ମିଳିଛି। ଯେଉଁ କେତେକ ଜାଗାରେ ଢାଙ୍କୁଣି ଦିଆଯାଇଥିଲା, ତାହା ଭାଙ୍ଗିରୁଜି ଦୁର୍ବଳ ହୋଇପଡ଼ିଛି। ଏହାସହ ମୁଣ୍ଡୋମାଳ, ଝାଟିଆସାହି, ଡିଗିସାହି, ଉମାପଦା, ହାଉସିଂବୋର୍ଡ କଲୋନୀ, ଗ୍ରୀନ ମାର୍କେଟ, ଗଣେଶ ବଜାର, କହ୍ନେଇପୁର ଆଦି ଅଞ୍ଚଳର ଡ୍ରେନଗୁଡ଼ିକରେ ବର୍ଜ୍ୟବସ୍ତୁ ଠିକ୍ ଭାବେ ସଫା ହୋଇ ପାରୁନାହିଁ। ବ୍ୟାସନଗର ମ୍ୟୁନିସିପାଲିଟି କେବଳ ଅବହେଳା କରୁନାହିଁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ତାଗିଦକୁ ମଧ୍ୟ ବେଖାତିର କରୁଛି। ମ୍ୟୁନିସିପାଲିଟିର ଏହି ଆଭିମୁଖ୍ୟ ପାଇଁ ଅଧିକାଂଶ ୱାର୍ଡ ଜଳାର୍ଣ୍ଣବ ହେଉଛି। ଏଥିଯୋଗୁ ଉତ୍କଟ ଦୁର୍ଗନ୍ଧ ଏବଂ ଦୂଷିତ ପାଣି ଯୋଗୁ ଅଞ୍ଚଳବାସୀ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ସହରର ଡ୍ରେନେଜ ବ୍ୟବସ୍ଥାରେ ବହିର୍ଗମନ ପଥ ନ ଥିବାରୁ ପ୍ରାୟ ୭୦% ବିଷାକ୍ତ ଜଳ ସହରର ବିଭିନ୍ନ ବିଲବାଡି, ପୋଖରୀରେ ଜମା ରହୁଛି। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇ ସାରିଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ଷା ମାସ ପୂର୍ବରୁ ସହରର ସମସ୍ତ ଡ୍ରେନକୁ ସଫା କରିବାକୁ ଯୋଜନା ହୋଇଛି। ଏଥିପାଇଁ ସମ୍ପୃକ୍ତ ଠିକାସଂସ୍ଥାକୁ ଆବଶ୍ୟକ ପରାମର୍ଶ ଦିଆଯାଇଛି। କାମ ଅନୁଯାୟୀ ପରିମଳ ବାବଦ ଅର୍ଥ ପ୍ରଦାନ କରାଯାଉଛି, ଏଥିରେ କୌଣସି ଅନିୟମିତତା ହେଉନାହିଁ।

## ସଂକ୍ଷେପରେ

### ୨ପରିବାର ମଧ୍ୟରେ ମାରପିଟ: ୪ ଆହତ, ୫ ଗିରଫ

**ନୟାଗଡ଼ ଅଫିସ,୨୮।୫:** ଇଟାମାଟି ଥାନା ସାନପଣ୍ଡୁସର ଗାଁରେ ଘରବାରୀକୁ ନେଇ ମାରପିଟ୍ ଘଟଣାରେ ୪ ଆହତ ଓ ୫ ଗିରଫ ହୋଇଛନ୍ତି । ସୁରଥ ଖଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧୪/୨) ରୁଜୁ କରି ୩ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ସେହିପରି ମଧୁସୂଦନ ଖଣ୍ଡାଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ.୧୧୫/୨୨) ରେ ୬ଜଣଙ୍କ ନାମରେ ଅଭିଯୋଗ ହୋଇଛି। ସୁରଥଙ୍କ ଅଭିଯୋଗରେ ମଧୁସୂଦନ ଖଣ୍ଡା ଗିରଫ ହୋଇଥିବାବେଳେ ତାଙ୍କ ଅଭିଯୋଗ କ୍ରମେ ସୁରଥ ଖଣ୍ଡା, ପୁନିଆ ଖଣ୍ଡା, ଦିପୁ ଖଣ୍ଡା ଓ କାଳିଆ ଖଣ୍ଡା ଗିରଫ ହୋଇ ଜେଲ ଯାଇଛନ୍ତି ।

### ପୃଥକ୍ ରେଳଧାରଣାରୁ ୨ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୮।୫:** ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ପୃଥକ୍ ରେଳଧାରଣାରୁ ୨ ମୃତଦେହ ଜବତ କରିଛି। ଉଭୟ ମୃତଦେହର ପରିଚୟ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ସାଢେ ୧୧ ଟାରେ କନିଷ୍ଠ - ଶିହଳା ରାସ୍ତା ଲେଭଲ କ୍ରସିଂ ରେଳଧାରଣାରୁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ପ୍ରାୟ ୪୮ ରୁ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ରେଳଧାରଣା ଅତିକ୍ରମ ସମୟରେ ଅସାବଧାନତାରୁ ଟ୍ରେନ ଧକ୍କାରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ମୃତଦେହ ଜବତ କରି ୩୩/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ମଧାହ୍ନ ୧୨ଟାରେ ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ- ୧ ରାମନଗରପଟ ଶେଷମୁଣ୍ଡ ରେଳଧାରଣାରେ ଜଣେ ଯୁବକ ଚଳନ୍ତା ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଯୁବକଙ୍କ ପ୍ୟାଣ୍ଟ ପକେଟରୁ ଏକ ପ୍ଲାଟଫର୍ମ ଟିକେଟ ଓ କେତେକ ଟଙ୍କା ଜବତ ହୋଇଛି। ପୋଲିସ ମୃତଦେହ ଜବତ କରି ୩୪/୨୨ରେ ଏକ ମାମଲା ରୁଜୁ କରିଛି। ଉଭୟ ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ପୋଲିସ ମୃତଦେହ ସଂରକ୍ଷଣ କକ୍ଷରେ ସଂରକ୍ଷିତ ରଖିଥିବା କହିଛି।

### ଡ୍ରେନ୍, ଗ୍ରାମ ରାସ୍ତା ସଫେଇ

**ଗୋଷାଣୀ,୨୮।୫:** ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବଡ଼ଗୋଷାଣୀ ଗ୍ରାମ ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମରେ ଶନିବାର ପୂର୍ବାହ୍ନରେ ଗାଁ କଲ୍ୟାଣ ସମିତି ତରଫରୁ ଗ୍ରାମର ସମସ୍ତ ଡ୍ରେନ ରାସ୍ତା ସଫା କରାଯାଇଥିଲା। ଏହି ଅବସରରେ ବଡ଼ ଗୋଷାଣୀ ସରପଞ୍ଚ ବି. ମୋହନ ରାଓ, ୱାର୍ଡସଭ୍ୟା ସନ୍ତୋଷି ନାୟକ, ଗାଁ କଲ୍ୟାଣ ସମିତି ମେମ୍ବର ଉପସ୍ଥିତ ରହି ଡ୍ରେନ୍ ଓ ରାସ୍ତା ସଫେଇ କରିଥିଲେ।

# ସମୟ ଅପଚୟ ନ କରି ରୋଜଗାର

- କେନ୍ଦୁପତ୍ର ସଂଗ୍ରହରେ ଆଦିବାସୀ ମହିଳା
- ସଂଗ୍ରହ, କେରି ପ୍ରସ୍ତୁତ ଓ ଫଡ଼ିରେ ବିତେ ଦିନ

**ଲୋକନାଥ ମିଶ୍ର**
**ନୟାଗଡ଼ ଅଫିସ, ୨୮।୫**


ଫଡ଼ିରେ କେନ୍ଦୁପତ୍ର ବିକ୍ରି ପାଇଁ ରଖାଯାଇଛି ।


କେନ୍ଦୁପତ୍ର ସଂଗ୍ରହ କରୁଥିବା ୨ ମହିଳା

ସମୟକୁ ଅପଚୟ ନ କରି କେନ୍ଦୁପତ୍ର ସଂଗ୍ରହ, କେରି ପ୍ରସ୍ତୁତ ଓ ଫଡିରେ ବିକ୍ରୟ କରି ରୋଜଗାରରେ ଲାଗିପଡିଛନ୍ତି ଆଦିବାସୀ ମହିଳା । କେନ୍ଦୁପତ୍ର ସଂଗ୍ରହ ବେଳେ ଆଦିବାସୀ ମହିଳା ପରିବାର ପାଇଁ ସମୟ ଦେଇ ପାରି ନ ଥାନ୍ତି । ପ୍ରତିବର୍ଷ ମେ ଓ ଜୁନ୍‌ରେ ଯାହା ରୋଜଗାର କରନ୍ତି ପରିବାର ପାଇଁ ସଞ୍ଚୟ କରି ରଖିଥାନ୍ତି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍‌ରେ ଆଦିବାସୀ ଦଳିତ ବହୁଳ ଅଞ୍ଚଳରେ କେନ୍ଦୁପତ୍ର ସଂଗ୍ରହ ଅଧିକ ହୋଇଥିବାବେଳେ ନୂଆଗାଁରେ କମ୍ ହୋଇଥାଏ । ଏନେଇ ଦଶପଲ୍ଲା ବ୍ଲକ ବିରାପାଜୁ ଗାଁର କୁମାରୀ ମାଝି କୁହନ୍ତି, ମାର୍ଚ୍ଚ ଶେଷ ସପ୍ତାହରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ କେନ୍ଦୁଗଛର ଗୋଛି କଟାଯାଏ । ଗଛ ଯେପରି ଭଲ ବଢ଼ି ପତ୍ର ଦେବ ତାକୁ ଗୁରୁତ୍ୱ ଦିଆଯାଏ । ସମତଳ ପଡ଼ିଆରେ ଉଠିଥିବା କେନ୍ଦୁଗଛରୁ ଭଲ ପତ୍ର ସଂଗ୍ରହ ହୋଇଥାଏ। ଝାଞ୍ଜି ପବନ ଓ ଗ୍ରୀଷ୍ମ ପ୍ରବାହ ଯେତେ ଅଧିକ ହେବ ସେତେ ଭଲ କେନ୍ଦୁପତ୍ର ହୋଇଥାଏ। ଚଳିତବର୍ଷ ଭଲ କେନ୍ଦୁପତ୍ର ହୋଇଛି । ଟାଙ୍ଗନାଡ଼ିର ନିରୂପମା ମଳିକ କୁହନ୍ତି, ମାର୍ଚ୍ଚ ଶେଷରୁ ଜୁନ୍ ମାସ ଅଧା ପର୍ଯ୍ୟନ୍ତ କେନ୍ଦୁ ଗଛର ଗୋଛିକଟା ସହ ପତ୍ର ସଂଗ୍ରହ ହୁଏ। ଏହି ସମୟରେ ମହିଳାମାନେ ଘରେ ନ ରହି ରୋଜଗାର କରିଥାନ୍ତି। ସକାଳ ୫ଟାରୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥାନ୍ତି । ଦିନ ୧୦ରୁ ୧୧ ମଧ୍ୟରେ ଘରକୁ ଫେରନ୍ତି। ଭଲ ପତ୍ରକୁ ବାଛନ୍ତି । ୨୧ଟି ପତ୍ରକୁ ମିଶାଇ ଗୋଟିଏ କେରି କରନ୍ତି। ଫଡ଼ିରେ ଯାଇ କେନ୍ଦୁପତ୍ର କେରିଗୁଡ଼ିକ ବିକ୍ରି କରନ୍ତି। ଏଣୁ କେନ୍ଦୁପତ୍ର ସଂଗ୍ରହ ଓ ବିକ୍ରି ବେଳେ କେତେବେଳେ ଦିନ କଟିଯାଏ ଜାଣି ହୁଏ ନାହିଁ। ଗୁଣ୍ଡୁରୀବାରୀର ଯୁବତୀ ପ୍ରଧାନ କୁହନ୍ତି, ଜଣେ ଆଦିବାସୀ ମହିଳା କେନ୍ଦୁପତ୍ର ସଂଗ୍ରହ, କେରି ପ୍ରସ୍ତୁତ କରି କେନ୍ଦୁପତ୍ର ଫଡ଼ିରେ ବିକ୍ରୟ କଲେ ୨୦୦ରୁ ୪୦୦ ଟଙ୍କା ଦିନକୁ ରୋଜଗାର କରନ୍ତି । ଗୋଟିଏ କେରିକୁ ୧ ଟଙ୍କା ୪୦ ପଇସା ମିଳୁଛି । କେରିର ମୂଲ୍ୟ ବଢ଼ାଇଲେ ଆଦିବାସୀମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି । ନୂଆଗାଁ ବ୍ଲକ ଜାକେଡ଼ା ଗାଁର ସୁମି ନାୟକ କୁହନ୍ତି, ସରକାର କେନ୍ଦୁପତ୍ର କେରି ପିଛା ମୂଲ୍ୟ ଅଧିକ ବଢ଼ାଇବା ଦରକାର । କେନ୍ଦୁପତ୍ର ତୋଳାଳି କେନ୍ଦୁପତ୍ର ତୋଳି କେରି କରି ଫଡ଼ିରେ ବିକ୍ରି କରନ୍ତି। ଫଡ଼ି ପକ୍ଷରୁ ପତ୍ରଗୁଡ଼ିକ ଶୁଖାଯାଏ। ପରିବାର ପାଇଁ କେନ୍ଦୁପତ୍ର ସଂଗ୍ରହ କିଛି ରୋଜଗାର ହେଉଛି ବୋଲି ସେ କହିଛନ୍ତି ।

ତେବେ ସାତକୋଶିଆ ଅଭୟାରଣ୍ୟକୁ ଯାଇ କେନ୍ଦୁପତ୍ର ତୋଳିବାକୁ ମନା। ଅପରପକ୍ଷରେ ଗଣିଆ ବ୍ଲକରେ ସରକାରୀ ଭାବେ କେନ୍ଦୁପତ୍ର ଫଡ଼ି ଖୋଲି ନ ଥାଏ । ତେବେ ଛାମୁଣ୍ଡିଆ, ଆଡ଼କଟା, କରଡ଼ାପଡ଼ା, ବଡ଼ସିଲିଙ୍ଗା ଅଞ୍ଚଳରେ ଚୋରାରେ କେନ୍ଦୁପତ୍ର ସଂଗ୍ରହ ହୁଏ। ଏଠାରେ କେରି କରି ବିକ୍ରି ନ ହୋଇ କୁଇଣ୍ଟାଲ ପିଛା ଚୋରାରେ କେନ୍ଦୁପତ୍ର ବିକ୍ରି କରାଯାଏ। ମହିଳାମାନେ କେନ୍ଦୁପତ୍ର ସଂଗ୍ରହ କରି କିଛି ପଇସା ରୋଜଗାର କରିଥାନ୍ତି ।

## ୨ ସ୍ଥାନରେ ନାମ ଥିବା ଭୋଟରଙ୍କୁ ଚିହ୍ନଟ ପାଇଁ କର୍ମଶାଳା

**ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ୍**

**ନୟାଗଡ଼ ଅଫିସ,୨୮।୫**

ଭୋଟର ପରିଚୟ ପତ୍ରରେ ଦୁଇଟି ସ୍ଥାନରେ ନାମ ଥିବା ଭୋଟରଙ୍କୁ ଚିହ୍ନଟ ପାଇଁ ଏକ କର୍ମଶାଳା ରଣପୁର ବ୍ଲକର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବୁଥ୍ ଲେବୁଲ ଅଫିସରଙ୍କୁ କିପରି ଭୋଟରଙ୍କ ନାମ ଗୋଟିଏ ସ୍ଥାନରେ ରହିବ ସେନେଇ ତାଲିମ ଦିଆ ଯାଇଥିଲା। ନୟାଗଡ଼ ଜିଲା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଲଗ୍ନଜିତ୍ ରାଉତ, ସିନିୟର ଆସିଷ୍ଟାଣ୍ଟ ଅନିତା ରାମ ଏଥିରେ ପ୍ରଶିକ୍ଷଣ ଦେଇଥିଲେ । ପୁଣି ନୟାଗଡ଼ର ସୁପରଭାଇଜର ଅଜୟ କୁମାର ସାହୁ, ଡାଟା ଏଣ୍ଟ୍ରି ଅପରେଟର ଦେବସ୍ମିତା ପ୍ରଧାନ ଉପସ୍ଥିତ ରହି ଭୋଟର ତାଲିକାରୁ କିପରି ଜଣେ ଭୋଟରଙ୍କ ଦୁଇଟି ସ୍ଥାନର ନାମ ସଂଶୋଧନ ହୋଇ ପାରିବ ସେନେଇ ପରୀକ୍ଷାମୂଳକ ଭାବେ ଦେଖାଇଥିଲେ । ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବାପାଇଁ ଦୁଇଟି ସ୍ଥାନରେ ନାଁ ଥିବା ଭୋଟରଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ୬ ଆନ୍ତଃ ରାଜ୍ୟ ଡକାୟତ ଜେଲ୍ ଗଲେ

- ଶାଳକ କରୁଥିଲେ ଚୋରିର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି
- ଭିଣୋଇ କରୁଥିଲେ ଡକାୟତି

**ନୟାଗଡ଼ଅଫିସ/ଭାପୁର,୨୮।୫(ସ୍ୱ.ପ୍ର.)**


ଗିରଫ ୬ ଅଭିଯୁକ୍ତ।

ନୟାଗଡ଼ ଜିଲା ଫତେଗଡ଼ ଥାନା ବିଜିପୁର ଗାଁରେ ଶଶିଭୂଷଣ ରାଉତରାୟଙ୍କ ଘରୁ ଚୋରି ଘଟଣାରେ ପୋଲିସ ୬ ଆନ୍ତଃ ରାଜ୍ୟ ଡକାୟତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଜିଲା ଜଟଣୀ ଥାନା କୁଦିଆରି ଗାଁ ଦଶଦୋଳ ମେଳଣ ପଡ଼ିଆର ଲକି ସାମଲ(୩୦), ଦୀପକ ଭୋଇ(୨୪) ଓ ନିରଞ୍ଜନ ପ୍ରଧାନ(୨୫), ଜଟଣୀ ଥାନା ରଥିପୁର ଗାଁର ଏସ. କେ. ସୁକା(୩୭) ଓ ଏସ.କେ. ଜୁମା(୩୫)ଓ ଫତେଗଡ ଥାନା ଛେଳିଆ ଗାଁର ଅଜୟ ବେହେରା(୨୦) ଖଣ୍ଡପଡ଼ା ସବ୍‌ଜେଲକୁ ଯାଇଛନ୍ତି । ଡକାୟତି ଘଟଣାରେ ୧୨ ଗ୍ରାମ ସୁନା, ୫୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି । ସେହିପରି ଡକାୟତି ଘଟଣାରେ ବ୍ୟବହୃତ ଅଟୋରିକ୍ସା ଓ ବାଇକ୍ ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ନୟାଗଡ ଜିଲାରେ ଶାଳକ ଛେଳିଆ ଗାଁର ଅଜୟ ବେହେରା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ । ଚୋରି କାହା ଘରୁ ହେବ, କିପରି ହେବ ସେନେଇ ଭିଣୋଇଙ୍କୁ କହୁଥିଲେ । ଭିଣୋଇ ଜଟଣୀ ଥାନା କୁଦିଆରି ଗାଁର ଲକି ସାମଲ ସହଯୋଗୀଙ୍କ ସହିତ ମିଶି ଡକାୟତି କରୁଥିଲେ । ହେଲେ ବିଜିପୁର ଚୋରି ଘଟଣା ଶାଳକ ଭିଣୋଇଙ୍କ ଡକାୟତି ଘଟଣାକୁ ପଦାଫାସ କରିଛି ।

ଫତେଗଡ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୪ ରାତିରେ ବିଜିପୁର ଗାଁରୁ ୩ ଲୋକଙ୍କ ଘରୁ ଡକାୟତି ହୋଇଥିଲା। ସେଦିନ ରାତିରେ ୬ ଡକାୟତ ବିଜିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ରାଉତରାୟଙ୍କ ବିଜିପୁର ଘରେ କଳାକନା ବୁଲାଇ ଦେଇଥିଲେ । ଡକାୟତମାନେ ୨୨ଗ୍ରାମ ଓଜନର ରାଣୀ ସୁନାହାର, ୧୬ ଗ୍ରାମ ଓଜନର ୮ଟି ସୁନା ମୁଦି, ୧୦ ଗ୍ରାମ ଓଜନର ୪ଟି ସୁନା ଚୁଡ଼ି, ରୁପା ଅଳଙ୍କାର ଓ ୬୭ ହଜାର ଟଙ୍କା ନେଇ ଯାଇଥିଲେ । ଏନେଇ କୈଳାଶଙ୍କ ବଡ଼ପୁଅ ଶଶିଭୂଷଣଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୮୪/୨୨) ରୁଜୁ କରି ତଦନ୍ତ କରିଥିଲା । ସେଦିନ ରାତିରେ ବିଜିପୁର କାଳିକା ସାହିର ନୀଳକଣ୍ଠ ରାଉତଙ୍କ ଘରୁ ୫ ହଜାର ଟଙ୍କା, ୨ ସୁନା ପଲା, ୩ ସୁନା ମୁଦି, ୩ ସୁନା ଲକେଟ , ରୁପା ପାଉଁଜି ୩ ହଳ, ରୁପା ଅଣ୍ଟା ସୁତା ୨ଟି, ଗୋଟିଏ ଅନନ୍ତ ବ୍ରତ ନେଇଯାଇଥିଲେ । ବିଜିପୁର ଲହଙ୍ଗାସାହିରେ ଡକାୟତି ସମୟରେ ପରିବାର ଲୋକେ ଉଠି ପଡ଼ିଥିଲେ । ଏହି ଘଟଣାର ଖୋଳତାଡ ପରେ ଛେଳିଆ ଗାଁର ଅଜୟ ଓ ତାଙ୍କ ଭିଣୋଇଙ୍କ ଡକାୟତ କାରନାମା ପଦାକୁ ଆସିଥିଲା । ଉଭୟଙ୍କ ସୂଚନା ଆଧାରରେ ସୁନା ଓ ରୁପା ଅଳଙ୍କାର ଜବତ ହୋଇଥିଲା। ସେହିପରି କୁଦିଆରିର ଦୀପକ ଭୋଇଙ୍କ ଘରୁ ବାଇକ୍ ଓ ଜଟଣୀ ରଥିପୁରର ଏସ.କେ. ଜୁମା ଘରୁ ଅଟୋରିକ୍ସା ଜବତ ହୋଇଛି । ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଲକି ସାମଲଙ୍କ ନାମରେ ଖୋର୍ଦ୍ଧା, ପୁରୀ, ଚନ୍ଦକା ଥାନାରେ ଏକାଧିକ ଡକାୟତି ମାମଲା ରହିଛି । ପୁଣି ଜଟଣୀ ରଥିପୁରର ଦୀପକ ଭୋଇ ନାମରେ ଜଟଣୀ ଥାନାରେ, କୁଦିଆରୀର ନିରଞ୍ଜନ ପ୍ରଧାନଙ୍କ ନାମରେ ପୁରୀରେ, ଜଟଣୀ ରଥିପୁରର ଏସ.କେ. ଜୁମା ଙ୍କ ନାମରେ ଖୋର୍ଦ୍ଧା ଓ ପୁରୀରେ ଓ ରଥିପୁର ଗାଁର ଏସ. କେ. ସୁକାଙ୍କ ନାମରେ ଖୋର୍ଦ୍ଧାରେ ୫ରୁ ୧୦ ମାମଲା ରହିଛି ।

### ଖସିଗଲେ ସୁନା ବ୍ୟବସାୟୀ

ଖୋର୍ଦ୍ଧା ଜିଲା ଜଟଣୀ ଥାନା ରାଜା ବଜାରର ମା'ମନିଶା ଜୁଏଲାରୀରୁ ଚୋରି ସୁନା ଜବତ ହୋଇଛି । ଏପରି କି ଫତେଗଡ ଥାନା ପୋଲିସ ଜଟଣୀ ଥାନା ପୋଲିସ ସହାୟତାରେ ଗତ ୨୬ରେ ଚଢ଼ାଉ କରି ଦୋକାନ ସିଲ୍ କରିଥିଲା । ଚୋରି ସୁନା ଉପକରଣ ରଖିବା ଅଭିଯୋଗରେ ଦୋକାନ ମାଲିକଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା । ଏତେ ସବୁ ପରେ ସୁନା ଦୋକାନୀକୁ କ୍ଲିନ୍ ଚିଟ୍ ଦେଇ ଖସାଇବା ଘଟଣା ପୋଲିସର ଡକାୟତି ଧରପଗଡରେ ସ୍ୱଚ୍ଛତାକୁ ପଦାରେ ପକାଇଛି । ଏନେଇ ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କୁହନ୍ତି, ରାଜା ବଜାରର ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଥିଲା । ହେଲେ ସେ ସୁନା ୬୦ ହଜାର ଟଙ୍କାକୁ ବନ୍ଧକ ରଖିଥିଲେ କହିବା ପରେ ପୋଲିସ ଘଟଣାର ତଦନ୍ତ ଚାଲୁ ରଖିଛି ।

# ଜନବସତିକୁ ପଶି ଆସିଲା କୁଟୁରା


ଉଦ୍ଧାର ହୋଇଥିବା କୁଟୁରାକୁ ଚିକିତ୍ସା କରାଯାଉଛି।

**ଓଡଗାଁ,୨୮।୫ (ସ୍ୱ.ପ୍ର.)**

ରବିବାର ଭୋର ସମୟରେ ଓଡ଼ଗାଁ ବନାଚଳ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରୁ ଏକ କୁଟୁରା ଜନବସତି ଆଡ଼କୁ ଚାଲି ଆସିଥିଲା। ଖାଦ୍ୟ ଅନ୍ୱେଷଣରେ ଆସିଥିବା କୁଟୁରାକୁ କୁକୁରମାନେ ଗୋଡ଼ାଇବାରୁ ମଶାବରୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଯାଇଥିଲା। ଏ ନେଇ ବନ ବିଭାଗକୁ ସମ୍ପୃକ୍ତ ବ୍ୟକ୍ତି ସୂଚନା ଦେବା ପରେ ବନ କର୍ମଚାରୀମାନେ ସେଠାରେ ପହଞ୍ଚି କୁଟୁରାକୁ ଉଦ୍ଧାର କରି ଆବଶ୍ୟକ ଚିକିତ୍ସା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି ।

# ଜବରଦଖଲକାରୀଙ୍କ କବ୍‌ଜାରେ ବିଦ୍ୟାଳୟ ଜମି

**ଖଣ୍ଡପଡା,୨୮।୫ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଟି ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିଲା। ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଏବେ ୭୮ ବର୍ଷରେ ପଦାର୍ପଣ କରିଛି । ଖଣ୍ଡପଡା ସହରର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ବିଦ୍ୟାଳୟର ପଛପାର୍ଶ୍ୱ ଜାଗାକୁ ବାଡବନ୍ଦି କରି ରଖିଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ୯ଟି ପ୍ଲଟରେ ୫ ଏକର ୫୦ ଡେସିମିଲ ଜମିଥିବା ସଂପ୍ରତି ମିଳିଥିବା ପଟ୍ଟାରେ ଉଲ୍ଲେଖ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି । ତେବେ ଜାଗା ଚିହ୍ନଟ ପରେ ପ୍ରକୃତରେ କେତେ ଜାଗା ଜବରଦଖଲ ହୋଇଛି ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି। ତହସିଲ ପ୍ରଶାସନର ଉଦାସୀନତାର ସୁଯୋଗ ନେଇ ଜବରଦଖଲକାରୀମାନେ ବିଦ୍ୟାଳୟର ମୂଲ୍ୟବାନ ଜାଗାକୁ ଅକ୍ତିଆର କରିବାରେ ଲାଗିଥିବା ଅଭିଯୋଗ ହେଉଛି ।

# ଗାଁ ବିକାଶ ଯୋଜନାରେ ଦୁର୍ନୀତି

**ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ**

**ଭାପୁର,୨୮।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅଧୀନ ବଡସାହିରେ 'ଆମ ଗାଁ ଆମ ବିକାଶ' ନାମରେ ୪ ଲକ୍ଷ ଟଙ୍କା ହରିଲୁଟ ଘଟଣାରେ ଜିଲା ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ ହୋଇଛି । ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଡିଆରଡିଏ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ରଣା, ଡିଆରଡିଏ ଏଷ୍ଟିମେଟର ଅଶୋକ ମିଶ୍ର ଓ ଭାପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ରଶ୍ମିକାନ୍ତ ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ଭାପୁର ବ୍ଲକ ବିଜିପୁର ଗ୍ରାମର ୪ଟି ୱାର୍ଡ ବାସିନ୍ଦା ଆମ ଗାଁ ଆମ ବିକାଶ ନାଁରେ ୪ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଗତ ମାର୍ଚ୍ଚ ୨୮ରେ ଅଭିଯୋଗ କରିଥିଲେ । ଗ୍ରାମର ୭, ୮, ୯ ଏବଂ ୧୦ ନଂ. ୱାର୍ଡବାସୀଙ୍କ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଥିଲା ଯେ ୨୦୧୮-୧୯ ଆର୍ଥିକ ବର୍ଷରେ ଗ୍ରାମ ଠାକୁରାଣୀ ମା'ସଞ୍ଜାଇ ଦେବୀଙ୍କ ପ୍ରାଙ୍ଗଣରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ ଯୋଜନାରେ ମଞ୍ଜୁର କରିଥିଲେ । ଏହି ପ୍ରକଳ୍ପରେ ୨ଟି କମ୍ୟୁନିଟି ସେଣ୍ଟର ପାଇଁ ଅର୍ଥ ବ୍ୟୟ ବରାଦ ହୋଇଥିଲେ ହେଁ ସ୍ଥାନୀୟ ଭିଏଲଡବ୍ଲ୍ୟୁଙ୍କୁ ହାତ କରି ଏହି ଅର୍ଥ ଆତ୍ମସାତ ହୋଇଥିଲା । ଏଥିରେ ଜଣେ ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଶତାଧିକ ଲୋକ ଭାପୁର ବ୍ଲକ ଅଫିସ ଘେରାଉ କରିବା ସହ ବିଡିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ବିଡିଓ ଜନ୍ମେଜୟ ସାହୁ ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଅଟୋରୁ ଗଞ୍ଜେଇ ଜବତ, ୩ ଗିରଫ

**ବ୍ରହ୍ମପୁର ଅଫିସ,୨୮।୫**

ଅବକାରୀ ବିଭାଗର ଏକ ଟିମ୍ ଏସ୍‌ବିଆଇ ମୁଖ୍ୟ ଶାଖା ରାସ୍ତାରୁ ଏକ ଅଟୋ ସହ ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାୟକ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଅବକାରୀ ବିଭାଗର ଟିମ୍ ଏସ୍‌ବିଆଇ ମୁଖ୍ୟ ଶାଖା ରାସ୍ତାରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଅଟୋକୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରାଯାଇଥିଲା।

# କଳାକାର ସଂଘ ଉପସଭାପତିଙ୍କ ବିରୋଧରେ ଦାବିପତ୍ର

**ଭତ୍ତା ପାଇଁ ଅର୍ଥ ଆଦାୟ ଅଭିଯୋଗ**

**ଖଣ୍ଡପଡ଼ା,୨୮।୫ (ସ୍ୱ.ପ୍ର.)**


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଳାକାର।

ଖଣ୍ଡପଡ଼ା ବ୍ଲକ କଳାକାର ସଂଘର ଉପସଭାପତି ତ୍ରିନାଥ ପଣ୍ଡାଙ୍କ କାର୍ଯ୍ୟକଳାପକୁ ନେଇ ସଂଘର ବହୁ ବରିଷ୍ଠ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କ କାର୍ଯ୍ୟକଳାପର ତଦନ୍ତ କରିବାକୁ ସଦସ୍ୟମାନେ ଏକ ଦାବିପତ୍ର ଖଣ୍ଡପଡ଼ା ବିଡିଓ, ନୟାଗଡ଼ ଜିଲାପାଳ, ଜିଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଖଣ୍ଡପଡ଼ା ବ୍ଲକ କଳାକାର ସଂଘର ସଦସ୍ୟଙ୍କ ସଂଖ୍ୟା ୧୨୦୦ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୭ ଜଣ କଳାକାର ସରକାରଙ୍କଠାରୁ ପ୍ରତି ମାସରେ ଭତ୍ତା ପାଉଛନ୍ତି । ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ ଏହି ସଂଘର ସଭାପତି ଥିବା ବେଳେ ଉପସଭାପତି ପଣ୍ଡା ସଭାପତିଙ୍କ ଅଗୋଚରରେ କଳାକାର ଭତ୍ତା କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ସଦସ୍ୟଙ୍କଠାରୁ ୫ହଜାରରୁ ୧୨ ହଜାର ଟଙ୍କା ଲେଖାଏ ଆଦାୟ କରିଥିବା ବହୁ କଳାକାର ଅଭିଯୋଗ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତି ୩ ବର୍ଷରେ ଥରେ ଉପସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ କରାଯିବାର ନିୟମ ଥିଲେ ହେଁ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ତେଣୁ ଉପସଭାପତିଙ୍କୁ ତୁରନ୍ତ ପଦଚ୍ୟୁତ କରିବା ସହ ତାଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘର ସଦସ୍ୟମାନେ ଦାବି କରିଛନ୍ତି ।

ଏ ସମ୍ପର୍କରେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଟଙ୍କଧର ଭୋଇଙ୍କ ସହ ଯୋଗାଯୋଗ କରିବାରେ ଗତ ୧୫ ଦିନ ତଳେ ଉପସଭାପତିଙ୍କ ବିରୋଧରେ ଓ ଅନିୟମିତତା ସମ୍ପର୍କରେ କେତେଜଣ ସଦସ୍ୟ ଅଭିଯୋଗ କରିଥିଲେ । ଏହାର ତଦନ୍ତ ପାଇଁ ସେ ବିଡିଓଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି । ଉପରୋକ୍ତ ଅଭିଯୋଗ ସମ୍ପର୍କରେ ସଂଘ ଉପସଭାପତି ପଣ୍ଡା କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ । ଖଣ୍ଡପଡ଼ା ବିଡିଓ ସାହୁଙ୍କ ସହ ଯୋଗାଯୋଗ କରିବାରେ ଆସନ୍ତା ମଙ୍ଗଳବାର କଳାକାର ସଂଘ ତଥା ସମସ୍ତ ପଞ୍ଜୀକୃତ କଳାକରମାନଙ୍କ ଏକ ବୈଠକ ଡକାଯାଇଛି । ଏ ସମ୍ପର୍କରେ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# କାଏମ ରହିଲା ଏସ୍‌ଡିଜେଏମ୍‌ଙ୍କ ଦଣ୍ଡାଦେଶ

**ଚେକ୍ ବାଉନ୍ସ ମାମଲାର ଶୁଣାଣି**

**ନୟାଗଡ଼ ଅଫିସ,୨୮।୫**

ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଶୁଣାଣୀ ହୋଇ ଦଣ୍ଡ ଓ କ୍ଷତିପୂରଣ ନିର୍ଦ୍ଦେଶ ହୋଇଥିବା ଏକ ଚେକ୍ ବାଉନ୍ସ ମାମଲା ନୟାଗଡ଼ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଶୁଣାଣୀ ହୋଇ କାଏମ ରହିଛି। ସରକାରୀ ଓକିଲ ବଳଭଦ୍ର ମହନ୍ତିଙ୍କ ସୂଚନା ଅନୁଯାୟୀ, ଭୀମଭୋଇ ଗ୍ରାମ୍ୟ ଉନ୍ନୟନ ସଂସଦର ସମ୍ପାଦିକା ତଥା ନନ୍ଦିଘୋର ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଉର୍ମିଳା ପରିଡ଼ା ନିଜର ନିକଟ ସମ୍ପର୍କୀୟ ପିଉସା ବୈରାଗୀ ପେଣ୍ଡୋଇଙ୍କଠାରୁ ୨୦୧୬ ଅଗଷ୍ଟ ୨୦ରେ ୨୨ ଲକ୍ଷ ୪୦ ହଜାର ଟଙ୍କା ଧାର ନେଇଥିଲେ । ଧାର ଟଙ୍କା ୧ ମାସ ପରେ ଫେରାଇ ଦେବେ ବୋଲି କହିଥିଲେ । ତେବେ ସମୟ ଚାଲି ଯାଇଥିଲେ ମଧ୍ୟ ଟଙ୍କା ଫେରାଇ ପାରି ନ ଥିଲେ । ପରେ ନିଜର ଦସ୍ତଖତ ଥାଇ ୨ଟି ଚେକ୍ ବୈରାଗୀଙ୍କୁ ଉର୍ମିଳା ଦେଇଥିଲେ। ତେବେ ଚେକ୍ ଦୁଇଟିକୁ ବ୍ୟାଙ୍କରେ ଲଗାଇବା ପରେ ବାଉନ୍ ହୋଇଥିଲା। ଏନେଇ ବୈରାଗୀ ଓକିଲ ନୋଟିସ୍ କରି ସାରି ନୟାଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅଭିଯୋଗ କରିଥିଲେ । ୨୦୧୯ ନଭେମ୍ବର ୮ରେ ନୟାଗଡ଼ ଏସ୍‌ଡିଜେଏମ୍ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉର୍ମିଳାଙ୍କୁ ୬ମାସ ଜେଲ ଦଣ୍ଡ ସହ ୨୫ ଲକ୍ଷ କ୍ଷତିପୂରଣ ଭରିବାକୁ ନିର୍ଦ୍ଦେଶ ଦେଇଥିଲେ । ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟର ରାୟରେ ଅସନ୍ତୋଷ ବ୍ୟକ୍ତ କରି ଉର୍ମିଳା ୫୧/୨୦୧୯ ମକଦ୍ଦମାର ପୁନଃ ବିଚାର ପାଇଁ ଆବେଦନ କରିଥିଲେ । ଉର୍ମିଳାଙ୍କ ୫୧/୧୯ ନଂ କ୍ରିମିନାଲ ଅପିଲ ଖାରଜ ପରେ ୨୫ ଲକ୍ଷ କ୍ଷତିପୂରଣ ସହ ୬ମାସ ଜେଲ ଦଣ୍ଡ ଭୋଗିବେ । କ୍ଷତିପୂରଣ ଅନାଦେୟ ଅଧିକ ୩ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ଅଛି ।